## ଅବ୍ୟବସ୍ଥାରେ ଆସିକା ସରକାରୀ ବସ୍ଷ୍ଟାଣ୍ଡ

# ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ ପରେ ଝୁଲୁଛି ତାଲା

ଆସିକା, ୧୪।୧୨(ସମିସ)

୭୦ ବର୍ଷର ପୁରାତନ ଆସିକା ଓଏସ୍ଆରଟିସି ବସଷ୍ଟାଣ୍ଡ। ଏହି ବସଷ୍ଟାଣ୍ଡରେ ଯାତ୍ରୀଙ୍କ କଷ୍ଟ ଶେଷ ହେବାର ନା ନେଉନି। ଆସିକା ସହରରୁ କଟକ, ଭୁବନେଶ୍ୱର, ପୁରୀ, ଜୟପୁର, ମାଲକାନଗିରି, ବାଲିମେଳା, ଭବାନୀପାଟଣା, ଝାରସୁଗୁଡା, ରାଉରକେଲା, ସହିତ ରାଜ୍ୟ ଏବଂ ରାଜ୍ୟ ବାହାରେ ସୀମାଞ୍ଚଳମ ଆଦି ଅଞ୍ଚଳକୁ ଦୈନିକ ୫୦ରୁ ଅଧିକ ବସ ଯାତାୟାତ କରୁଛି। ଏହା ସହିତ ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ୧୦ରୁ ଅଧିକ ବସ୍ ଯାତାୟାତ କରୁଛି। ପ୍ରତିଦିନ ପ୍ରାୟ ଏକ ହଜାରରୁ ଅଧିକ ପୁରୁଷ ଓ ମହିଳା ଯାତ୍ରୀ ଏହି ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା



କରନ୍ତି। କିନ୍ତୁ ପରିତାପର ବିଷୟ ଦୈନିକ ହଜାର ହଜାର ଟଙ୍କା ଆଦାୟ କରୁଥିବା ଏହି ବସଷ୍ଟାଣ୍ଡରେ ଲୋକଙ୍କ ମୌଳିକ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦୀର୍ଘ ବର୍ଷର ଦାବି ପରେ ଗତ କିଛିବର୍ଷ ପୂର୍ବେ ଦୟନୀୟ ସ୍ଥିତିରେ ଥିବା ବସ୍‌ଷ୍ଟାଣ୍ଡର ନିର୍ମାଣ ପ୍ରାୟ ତିନି କୋଟି ଟଙ୍କା ବ୍ୟୟରେ ଶେଷ ହୋଇ ୨୦୨୪ ମାର୍ଚ୍ଚରେ ଉଦ୍‌ଘାଟିତ ହୋଇଥିଲା। ବସଷ୍ଟାଣ୍ଡ ମଧ୍ୟରେ ଶୌଚାଳୟ, ପ୍ରତୀକ୍ଷା ସ୍ଥାନ, ଦୋକାନ ଜଳ ଯୋଗାଣ ସୁବିଧାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଇତି ମଧ୍ୟରେ ୨୦ ମାସ ବିତି ଯାଇଥିଲେ ମଧ୍ୟ ଯାତ୍ରୀଙ୍କ ବ୍ୟବହାରେ ଆସୁନି ନୂତନ କୋଠା। ଶୌଚାଳୟ ଓ ପ୍ରତୀକ୍ଷାଳୟରେ ତାଲା ଝୁଲୁଥିବା ବେଳେ ଯାତ୍ରୀ ଗଛ ତଳେ ଖରା ବର୍ଷାରେ ବସକୁ ଅପେକ୍ଷା କରୁଛନ୍ତି। ସ୍ଥିତି ଏଭଳି ମହିଳା ଯାତ୍ରୀ ଓ ଶିଶୁଙ୍କ କ୍ଷେତ୍ରରେ କଷ୍ଟ ଅଧିକ ବଢ଼ିଯାଉଛି। ଉଦଘାଟନ ପରେ ଯାତ୍ରୀଙ୍କ ସେବାରେ ନ ଲଗାଇ ତାଲା ଝୁଲାଇ ରଖିବା ପଛରେ କାହାର ସ୍ୱାର୍ଥ ରହିଛି ତାହା ପ୍ରଶ୍ନବାଚୀ। ଅନ୍ୟ ପକ୍ଷରେ ଏହି ବସଷ୍ଟାଣ୍ଡ ମଧ୍ୟରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହୁଥିବା ବେଳେ ଏଥି ପ୍ରତି ମଧ୍ୟ କାହାର ନିଘା ନାହିଁ। ଯାତ୍ରୀ ଦୁର୍ଗନ୍ଧମୟ ପରିବେଶରେ ରହିବାକୁ ବାଧ୍ୟ ହେଉଛନ୍ତି। ଶୌଚାଳୟ ନଥିବାରୁ ମହିଳା ଯାତ୍ରୀ ଓ କଲେଜ ପଢ଼ୁଆ ଝିଅଙ୍କ କଷ୍ଟ ବଢ଼ିଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗ୍ରାମ୍ୟ ମହୋତ୍ସବ ଉଦ୍‌ଯାପିତ

ହିଞ୍ଜିଳିକାଟୁ, ୧୪।୧୨(ସମିସ): ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆୟୋଜିତ ଗ୍ରାମ୍ୟ ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସଂଗଠକ ସୀତାରାମ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କିରଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମାରୋହ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡ ଅରବିନ୍ଦ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ତାରାତାରିଣୀ



ମହାବିଦ୍ୟାଳୟ, ପୁରୁଷୋତ୍ତମପୁର, ମୁଖ୍ୟବକ୍ତା ଭାବେ ଡ ଅନିଲ କୁମାର ମିଶ୍ର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ କାର୍ଯ୍ୟବହ ସମ୍ମାନିତ ଅତିଥି ଭାବେ ଇ. ମନୋଜ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ, ପାରଳାଖେମୁଣ୍ଡି ଯୋଗଦେଇଥିଲେ। ଶିବମ ଗୌଡ଼ଙ୍କ ଦ୍ୱାରା ଅମୃତ ବଚନ, ସୂର୍ଯ୍ୟକାନ୍ତ ବେହେରା ଦ୍ୱାରା ବ୍ୟକ୍ତିଗତ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଅଞ୍ଚଳର ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଚିନ୍ମୟ ଗୌଡ଼ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜନାର୍ଦ୍ଦନ ପାଢ଼ୀ ଅତିଥି ପରିଚୟ ରଖିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତାପ କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା କିରଣ କୁମାର ପାଢ଼ୀ, ଅରୁଣ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଆଲୋକ କୁମାର ନାୟକ, ବିଚିତ୍ର କୁମାର ପଣ୍ଡା, ସଂଯୋଜକ ଚିନ୍ତାମଣି ବେହେରା, ରଞ୍ଜନ କୁମାର ପାଣିଗ୍ରାହୀ, ଆଶିଷ କୁମାର ପଣ୍ଡା, ହରିବନ୍ଧୁ ନାୟକ, ନୀଳାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀସୁନ୍ଦରେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ

ଛତ୍ରପୁର, ୧୪।୧୨(ସମିସ): ଛତ୍ରପୁର ବ୍ଲକର ସୁନ୍ଦରପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀସୁନ୍ଦରେଶ୍ୱର ମନ୍ଦିର ପରିଚାଳନା ଓ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗ୍ରାମବାସୀ ଯୋଗଦେଇ ମନ୍ଦିର ସୁରକ୍ଷା, ବିକାଶ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା ଓ ଉନ୍ନୟନ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ନାହାକଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ମାଧବ ମଣ୍ଡଳ, ଉପସଭାପତି ବଳରାମ



ମୁଦୁଲି, କୋଷାଧ୍ୟକ୍ଷ ବିଟୁ ମହାଙ୍କୁଡ ଓ ସହ ସମ୍ପାଦକ ଅନାଦି ନାହାକଙ୍କୁ ଚୟନ କରାଯାଇଥିଲା। ଏହା ସହିତ ଉପଦେଷ୍ଟା ଭାବେ ସୁବାସ ପୁରୋହିତ, ଅଭିରାମ ମଣ୍ଡଳ, ପଦ୍ମଚରଣ ମଣ୍ଡଳ ଓ ଦେବରାଜ ମହାଙ୍କୁଡ, ଆଇନ ପରାମର୍ଶଦାତା ଭାବେ ସଞ୍ଜୟ କୁମାର ବେହେରା ଏବଂ ୧୬ ଜଣିଆ କୋର କମିଟି ମଧ୍ୟ ଚୟନ କରାଯାଇଥିଲା। ଆସନ୍ତା ମହାଶିବରାତ୍ରି ଅବସରରେ ମନ୍ଦିରର ପରିଚାଳନା ଓ ଉନ୍ନୟନ ବିଷୟରେ ଏହି କମିଟିକୁ ଦାୟିତ୍ୱ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ସରପଞ୍ଚ ଶ୍ରୀ ବେହେରା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

# ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ଜୟନ୍ତୀ

ଖଲ୍ଲିକୋଟ, ୧୪।୧୨(ସମିସ): ଖଲ୍ଲିକୋଟରେ ଜନ୍ମିତ ତଥା ଓଡ଼ିଶାର ପ୍ରଖ୍ୟାତ ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ୧୧୭ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବାଇକୋଳି ସ୍ମୃତି ପରିଷଦ ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଲ୍ଲିକୋଟର ଗୌରବ ପଣ୍ଡିତ ବାଇକୋଳିଙ୍କ ସ୍ମୃତି ରକ୍ଷା କରାଯାଇ ପାରି ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଶ୍ରୀ ପୟରର ସମ୍ପାଦକ ଅନ୍ନଦା ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ବାଇକୋଳିଙ୍କ ବହୁମୁଖୀ



ପ୍ରତିଭାର ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ବାଇକୋଳି ସ୍ମୃତି ପରିଷଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରଥ ନିଜ ଅଭିଭାଷଣରେ ପ୍ରାଚୀନ ଜ୍ୟୋତିଷ ଗଣନା ଓ ଆଧୁନିକ ଜ୍ୟୋତିଷ ଗଣନାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ପଣ୍ଡିତ ହରିକୃଷ୍ଣ ମହାପାତ୍ରଙ୍କୁ ଚଳିତ ବର୍ଷର ବାଇକୋଳି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ବାଇକୋଳି ସମ୍ମାନ ସନନ୍ଦରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଇକୋଳି ସ୍ମୃତି ପରିଷଦର ସମ୍ପାଦକ ଜଗଦିଶ ପାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ପଣ୍ଡିତ ବାଇକୋଳିଙ୍କ ସ୍ମୃତିଚାରଣ କରିଥିବା ବେଳେ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ପ୍ରଭାତ କୁମାର ମିଶ୍ର, ନୀଳକଣ୍ଠ ଦାସ ଓ ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏଫଆଣ୍ଡଏ ଫିଟନେସ୍ ଜିମ୍ ଉଦ୍‌ଘାଟିତ



ଛତ୍ରପୁର, ୧୪।୧୨(ସମିସ): ଛତ୍ରପୁର ଷ୍ଟେସନ ରୋଡ଼ କୃଷକ ବଜାର ନିକଟରେ ଏକ ଉନ୍ନତ ମାନର ଟେକ୍ନୋଲୋଜି ଥିବା ଏଫ୍‌ଆଣ୍ଡଏ ଫିଟନେସ ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ୩ନଂ ୱାର୍ଡ କାଉନସିଲର ମାମା ସେଠୀ, ସ୍ୱନାମଧନ୍ୟ ବଡିବିଲ୍‌ଡର ନାରାୟଣ ସାହୁ, ରାଜେଶ ବାବୁ ଆଚାରୀ, ଅଜିତ କୁମାର ପାତ୍ର, ପ୍ରାଣକୃଷ୍ଣ ସାହୁ ଓ ପିଙ୍କି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଜିମ୍ ଆଗାମୀ ଦିନରେ ସମସ୍ତ ବର୍ଗ ଲୋକଙ୍କ ମନ ଜିଣିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ସହାୟକ ହେବ ବୋଲି ଜିମ୍‌ର ପରିଚାଳକ ଜଲାଲ ଖାନ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଛତ୍ରପୁର ସଂକୁଳ କ୍ରୀଡ଼ା ଉଦ୍‌ଘାଟିତ

ଛତ୍ରପୁର, ୧୪।୧୨(ସମିସ): ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଛତ୍ରପୁର ସଂକୁଳ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ସଂକୁଳ ପ୍ରମୁଖ ଡ. ଜେ କୁର୍ମା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଅଜୟ କୁମାର ତ୍ରିପାଠୀ ଉଦ୍‌ଘାଟନ



କରିଥିଲେ। ସଂକୁଳ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ।

ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ବିଜ୍ଞାନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ପ୍ରଭାକର ପାଢ଼ୀ ଏବଂ ସ୍ଥାନୀୟ ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକଙ୍କ ସମେତ ଛତ୍ରପୁର ସଂକୁଳର ଛଅଟି ବିଦ୍ୟାଳୟର (ରମ୍ଭା, ନରେନ୍ଦ୍ରପୁର, ଭଞ୍ଜବିହାର, ଗୋପାଳପୁର, ଛତ୍ରପୁର ଓ ଗଞ୍ଜାମ) ମୋଟ ୧୬୦ଜଣ କ୍ରୀଡା ପ୍ରତିଭାଗୀମାନଙ୍କ ସହିତ ସମସ୍ତ ପ୍ରଧାନାଚାର୍ଯ୍ୟା ଓ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ। ନରେନ୍ଦ୍ରପୁର ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ସେବାକାର୍ଯ୍ୟ କରିବେ ସ୍ୱେଚ୍ଛାସେବୀ

ଛତ୍ରପୁର, ୧୪।୧୨(ସମିସ): ବିଭିନ୍ନ ଯାନିଯାତ୍ରା ଯଥା ରଥଯାତ୍ରା, ତାରାତାରିଣୀଙ୍କର ଚଇତି ଯାତ୍ରା ଆଦିରେ ଶୃଙ୍ଖଳିତ ଢ଼ଙ୍ଗରେ ଲୋକଙ୍କର ସେବା କରି ପ୍ରଶାସନ ତଥା ସାଧାରଣ ଜନତାଙ୍କର ପ୍ରିୟପାତ୍ର ହୋଇଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପ୍ରତିନିଧି ଆସନ୍ତା ମହାଶିବରାତ୍ରିରେ ଭୁବନେଶ୍ୱର ସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିରରେ ୨୪ଘଣ୍ଟିଆ ଅହରାତ୍ର ସେବା ଯୋଗାଇବା ନେଇ ସଙ୍ଗଠନର ମୁଖ୍ୟ ନୀଳମଣି ମିଶ୍ର ଜଣାଇଛନ୍ତି। ଏହି ସଦସ୍ୟମାନେ ମନ୍ଦିରରେ ଉପସ୍ଥିତ ରହି ଯଥାସମ୍ଭବ ପ୍ରଶାସନକୁ ତଥା ଭକ୍ତଙ୍କୁ ସହଯୋଗ କରିବେ। ଏନେଇ ଛତ୍ରପୁର ଷ୍ଟାଡିୟମରେ ଗଜପତି ଜିଲ୍ଲା ନ୍ୟାୟାଳୟର କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ବେହେରା, ସମାଜସେବୀ ମନୋଜ ମିଶ୍ର, ଆଇନଜୀବୀ ଲସିତ ଚରଣ ବେହେରା, ମାଧବ ସାସମଲ, ଇଞ୍ଜିନିୟର ଟୁଟୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



# ଗୋ-ହତ୍ୟା ମାମଲାରେ ତିନି ଗିରଫ

ରଙ୍ଗେଇଲୁଣ୍ଡା, ୧୪।୧୨(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଗତ ଶୁକ୍ରବାର ଦୁଇ ଗାଈ କାଟିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହି ମାମଲାରେ ପୁଲିସ ରବିବାର ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଅଞ୍ଚଳ ବିଜୟ ବୀର (୩୨), ପୁରୁଣାପାଟଣା ଗ୍ରାମର ଧୋବା ନାଇକ(୬୦) ଓ ଉଆଳି ନାଇକ(୬୦) ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ପୁରୁଣାପାଟଣା ନିକଟସ୍ଥ ସୋରାବାଡି ଜଙ୍ଗଲରେ ଗତ ୧୨ ତାରିଖରେ ଭୋର ସମୟରେ ୪ରୁ ୫ଜଣ ବ୍ୟକ୍ତି ଦୁଇ ଗାଈକୁ ମାରି ମାଂସ କାଟୁଥିଲେ। ଖବର ପାଇ ବିଜେପି କର୍ମୀ ଓ ଆଖପାଖ ଅଞ୍ଚଳର କିଛି ଯୁବକ ସେଠାରେ ପହଞ୍ଚିଥିଲେ। ଯୁବକ ମାନଙ୍କୁ ଦେଖି ୪ଜଣ କଟାଳି ଖସି ପଳେଇଥିଲେ। ଖବର ପ୍ରସାରଣ ହେବା ପରେ ଆରଏସଏସ ବଜରଙ୍ଗ ଦଳ ଓ ଗୋ ରକ୍ଷକ ମାନେ ପହଞ୍ଚିବା ପରେ କିଛି ସମୟ ପାଇଁ ଉତ୍ତେଜନା ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଜୟ, ଉଆଳି ଓ ଧୋବାକୁ ପୁଲିସ କାବୁ କରି ପଚାର ଉଚରା କରିବା ପରେ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଛତ୍ରପୁର, ୧୪।୧୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖାର ବୈଠକ ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ସୋମନାଥ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, କୋଷାଧ୍ୟକ୍ଷ ଜି. ପାପା ରାଓ, ସମୀକ୍ଷକ ଦଣ୍ଡପାଣି ରାଉଳ ମଞ୍ଚାସୀନ ରହି ନିଜ ଅଭିଭାଷଣରେ ସମାଜ ପ୍ରତି ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବଶ୍ୟକତା ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଛତ୍ରପୁର ରେଳ ଷ୍ଟେସନର ର୍‌ୟାମ୍ପ ଆଧୁନିକୀକରଣ ନାମରେ ବହୁଦିନ ହେଲା ଭଙ୍ଗା ଯାଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଟ୍ରେନ୍‌ରେ ଯିବା ଆସିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ତୁରନ୍ତ ସୁଧାର ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଅବଗତି ନିମନ୍ତେ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମରେ ନିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ କୁମାର ଚୌଧୁରୀ, ଜି. ସେସୁ ରେଡ୍ଡୀ, କାଶିରାମ ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଏ. ବିଶ୍ୱମ୍ବର, ପ୍ରକାଶ ଚନ୍ଦ୍ର ଦାସ, ପ୍ରଦୀପ ପଣ୍ଡା, କେ. ହୃଷିକେଶ ରାଓ, ନରସିଂହ ରେଡ୍ଡୀ, ଘନଶ୍ୟାମ ବେହେରା, ବିଜୟ ସାହୁ, ମଙ୍ଗଳାଚରଣ ସ୍ୱାଇଁ, ଦାଶରଥୀ ବେହେରା, କୃଷ୍ଣଚନ୍ଦ୍ର ରଥ, ବାଉରୀବନ୍ଧୁ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ମାହାଙ୍କୁଡ଼, ରବୀନ୍ଦ୍ର କୁମାର ପାଢ଼ୀ, ଅଭିରାମ ଗୌଡ଼, ଅଭିରାମ ସାହୁ, ତ୍ରିନାଥ ସାହୁ, ରବୀନ୍ଦ୍ର ରଥ, ଏସ୍ ଆନନ୍ଦ ରାଓ, ଭାସ୍କର ଚନ୍ଦ୍ର ସ୍ୱାଇଁ, କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ଦାସ ଉପସ୍ଥିତ ରହିଥିଲେ।

## ୪ର୍ଥ ରାଜ୍ୟ ପୁଲିସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

# ଗଞ୍ଜାମ ଏସ୍‌ପି ଶୁଭେନ୍ଦୁଙ୍କୁ ଡବଲ୍ ଟାଇଟଲ୍





ହିଞ୍ଜିଳିକାଟୁ, ୧୪।୧୨(ସମିସ)

ଗଞ୍ଜାମ ପୁଲିସ ପକ୍ଷରୁ ହିଞ୍ଜିଳିକାଟୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ପୁଲିସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ଦୁଇଟି ଇଭେଣ୍ଟରେ ବିଜୟୀ ହୋଇ ଡବଲ୍ ଟାଇଟଲ୍ ହାସଲ କରିଛନ୍ତି। ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିଜି, କଟକ ଯତୀନ୍ଦ୍ର କୋଏଲ ଓ ସମ୍ମାନୀତ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସର୍ବଣା ବିବେକ ଏମ୍ ପ୍ରମୁଖ ମଞ୍ଚାସୀନ ଥିଲେ।

ଗେଜେଟେଡ ଅଫିସିଆଲ୍ ଡବଲ୍ସରେ ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁର ଖେଳାଳି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଓ ସହଯୋଗୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ସ୍ୱାଇଁ ଯୋଡ଼ି ୨-୦ ଗେମ୍‌ରେ ପ୍ରତିପକ୍ଷ ଆଇଆରବିଏନ୍ ଲାୟନ୍ସ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ସେହିପରି ଗେଜେଟେଡ ଅଫିସିଆଲ୍ ଓପନ ସିଙ୍ଗଲରେ ଏସ୍‌ପି ଶୁଭେନ୍ଦୁ ୨-୦ରେ ଆଇଆରବିଏନ ଟାଇଗର ସନ୍ତୋଷ କୁମାର ବିଶ୍ୱାଳଙ୍କୁ ପରାସ୍ତ କରି ଦ୍ୱିତୀୟ ଟାଇଟଲ୍ ହାସଲ କରିଥିଲେ।

ଭେଟେରାନ ସିଙ୍ଗଲରେ ପଶ୍ଚିମାଞ୍ଚଳ ରେଞ୍ଜ ଦେବାଶିଷ ପରିଡ଼ା ପ୍ରତିପକ୍ଷ ଓଏସଏପି ବିଏନଏସ ପେଣ୍ଟର ଦଳର ରୋହିତସ୍ୱ ପୁଟେଲଙ୍କୁ ୩-୧ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ଓନନ୍ ଡବଲରେ ଦକ୍ଷିଣାଞ୍ଚଳ ରେଞ୍ଜ କୋରାପୁଟ ଦଳର ବିକାଶ ତ୍ରିପାଠୀ ଓ ସହଯୋଗୀ ସୁମନ ଶେଖର ବିଷୋୟୀ ପ୍ରତିପକ୍ଷ ପଶ୍ଚିମାଞ୍ଚଳ ରେଞ୍ଜ ରାଉରକେଲା ଦଳର ସିନମୟ ବଳ ଓ ସହଯୋଗୀ ଅମିତ ରଞ୍ଜନ ପରିଡ଼ାଙ୍କୁ ୩-୧ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପ୍ରତିନିଧି ପ୍ୟାରୀମୋହନ ପାଢି, ଗଞ୍ଜାମ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ସ୍ୱାଇଁ, ସୀମା ସ୍ୱାଇଁ, ଭଞ୍ଜନଗର ଆରକ୍ଷୀ ଅଧିକ୍ଷକ ରଞ୍ଜନ ଦେ, ସୂର୍ଯ୍ୟମଣି ପ୍ରଧାନ, ଗଞ୍ଜାମ ଜିଲ୍ଲା ଡିଏସପି ଜ୍ଞାନରଞ୍ଜନ ପଟ୍ଟନାୟକ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ପୁରୁଷୋତ୍ତମପୁର ଆଇଆଇସି ରାଜେଶ ନାୟକ, ଶେରଗଡ଼ ଆଇଆଇସି ବିରେନ୍ଦ୍ର ସିଅଳ, ଧରାକୋଟ ଆଇଆଇସି ଚନ୍ଦ୍ରିକା ସ୍ୱାଇଁ, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, କୋଟିନଡା ଆଇଆଇସି ଦାମୋଦର ବିହାରୀ, ବଡଗଡ଼ ଆଇଆଇସି ଶୁଭ୍ରଜିତ ସାମନ୍ତରାୟ, ପାଟପୁର ଆଇଆଇସି ଦିପ୍ତିରଞ୍ଜନ ବେହେରା, ଗଞ୍ଜାମ ଜିଲ୍ଲା ମୁଖ୍ୟାଳୟ ସରଜେଣ୍ଟ ଜଗନ୍ନାଥ ବରଡଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ଦୀପକ ତିବ୍ରେଓ୍ୱାଲଙ୍କ ନେତୃତ୍ୱରେ ଟେକ୍ନିକାଲ ରେଫରୀ ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ସୁଜୟ କୁମାର ନାୟକ, ସଞ୍ଜୟ କୁମାର ପ୍ରଧାନ, ରଜତ କୁମାର ପଣ୍ଡା, ଅକ୍ଷୟ କୁମାର ତୁରକ୍ ଓ ଅଭୟ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ରିଜର୍ଭ ଇନ୍ସପେକ୍ଟର ବିକାଶ ସେନାପତି ଥାନା ପରିଚାଳନା କରିଥିବା ବେଳେ ହିଞ୍ଜିଳି ଥାନା ଇନ୍ସପେକ୍ଟର ସୁନିଲ କଣ୍ଡାଗୋରୀ, ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ସୁରେଶ କୁମାର ସାହୁ, ଏଏସଆଇ ଅନନ୍ତ ଶବର, ସୁବାଷ ମିଶ୍ର, ମନୋଜ ସେନାପତି ଜ୍ୟୋତ୍ସ୍ନା ସାହୁ, ସ୍ୱଦେଶ ଦାଶ, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାସ ମଲ୍ଲିକ, ସନ୍ୟାସି ରାଉତ, ବିରେନ୍ଦ୍ର ମଣ୍ଡଳ, ସୁଶାନ୍ତ ନାହାକ, ପ୍ରଭାକର ଶବର, ମିନତି ମହାଙ୍କୁଡ, ଦଣ୍ଡପାଣି ମଲ୍ଲିକ, ମନୋଜ ଜେନା, ମନୋଜ ମଲିକ, ମନୋଜ ନାୟକ, ନରେନ୍ଦ୍ର ଶବର, ନରେଶ ପ୍ରଧାନ, ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଧାୟକ ଓ ମେୟରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ବ୍ରହ୍ମପୁର,୧୪।୧୨(ସମିସ): ସ୍ଥାନୀୟ ଗୋଷାଣିନୂଆଗାଁର ବିଭିନ୍ନ ଅଞ୍ଚଳରେ 'ଆମ ଗାଁ ଆମ ପରିବାର' ପକ୍ଷରୁ ବ୍ରହ୍ମପୁର ବିଧାୟକଙ୍କ ହାତପାଣ୍ଠିରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ଅଞ୍ଚଳବାସୀଙ୍କ ଦାବି ମୁତାବକ ବହୁମୁଖୀ ଭବନ ଗୃହ, ଡମଣା ସାହି ଓ କୌତୁକୀ ନଗରରେ ଅଙ୍ଗନବାଡି କେନ୍ଦ୍ର, ଧୋବା ସାହିରେ କୋଠ ଘର, ଉତ୍ତରେଶ୍ୱର ହରେକୃଷ୍ଣ ମଣ୍ଡଳୀ ଉପରକୋଠା ନିର୍ମାଣ ଏବଂ ଚାଚା ନେହେରୁ ବ୍ୟାୟମ କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିଭଳି ରାଜୀବ ନଗର ସ୍ଥିତ ଅଙ୍ଗନବାଡି କେନ୍ଦ୍ରର ନୂତନକୋଠା ଓ ସତ୍ୟବାଦୀ ପାଠଗାରର କୋଠା ଉଦଘାଟିତ ହୋଇଯାଇଛି।କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ମେୟର ସଂଘମିତ୍ରା ଦଳେଇ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଶେଷରେ ଚାଚା ନେହରୁ କ୍ଲବ ପରିସରରେ ଗୋଷାଣିନୂଆଗାଁର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ଓ ମେୟରଙ୍କ ସମେତ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ସରୋଜ ସାବତ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଓ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୁକୁର କାମୁଡ଼ିବାକୁ ନେଇ ଉତ୍ତେଜନା; ରାସ୍ତାରୋକ

**● ବୁଲାକୁକୁରଙ୍କ କବଳକୁ ମୁକ୍ତି ପାଇଁ ବିଏମ୍‌ସିକୁ ଅଞ୍ଚଳବାସୀଙ୍କ ଦାବି**





ବ୍ରହ୍ମପୁର,୧୪।୧୨(ସମିସ)

ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ଅଞ୍ଚଳରେ ସହରବାସୀ ଅତିଷ୍ଠ ହେଲେଣି। ପୂର୍ବରୁ ଏନେଇ ଗୋଷାଣିନୂଆଗାଁ ଇଲାକାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ବିଏମ୍‌ସି ପକ୍ଷରୁ ଦୁଇଟି ହିଂସ୍ର ବୁଲା କୁକୁରଙ୍କୁ ଉଠାଇ ନେଇ ସହର ବାହାରେ ଅନ୍ୟତ୍ର ଛଡ଼ାଯାଇଥିଲା। ତେବେ ଘଟଣାର ଦିନକ ପରେ ପୁଣି ରବିବାର ଗୋଷାଣିନୁଆଗାଁ ବିଲସାହିରେ ଜଣେ ବୃଦ୍ଧା ବୁଲା ବିକାଳି ଖାଦ୍ୟସାମଗ୍ରୀ ବିକ୍ରି କରିବାକୁ ଆସିଥିବା ବେଳେ ତାଙ୍କୁ ଏକ ବୁଲା କୁକୁର କାମୁଡ଼ିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ରୋଧ ବଢ଼ିଛି। ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଗୋଷାଣିନୂଆଗାଁରୁ ବିଜିପୁରକୁ ସଂଯୋଗ କରୁଥିବା ରାସ୍ତାକୁ ଟାୟାର ଜାଳି ଦୀର୍ଘ ସମୟ ଧରି ଅବରୋଧ କରି ଅସନ୍ତୋଷ ପରିପ୍ରକାଶ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଦାବି ମୁତାବକ ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ସମ୍ପୃକ୍ତ ଅଞ୍ଚଳରୁ ୭ଟି ବୁଲା କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଗତ କିଛିଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ବୁଲା କୁକୁରଙ୍କ ଆକ୍ରମଣ ଓ ଦୌରାତ୍ମ୍ୟକୁ ନେଇ ଲୋକେ ଅତିଷ୍ଠ ହୋଇସାରିଛନ୍ତି। ବହୁ ଲୋକଙ୍କୁ କୁକୁର କାମୁଡ଼ିଥିବା ବେଳେ କୁକୁରଙ୍କ କାମୁଡ଼ାରୁ ପିଲା କିମ୍ବା ବରିଷ୍ଠ ନାଗରିକ କେହି ବର୍ତ୍ତି ପାରିନାହାନ୍ତି। ଏଭଳି ପରିସ୍ଥିତିରେ ଘରୁ ବାହାରିବା ଯେଭଳି ସମସ୍ତଙ୍କ ପାଇଁ ବିପଦର ଆଶଙ୍କା ସହିତ ଭୟର ବାତାବରଣ ସୃଷ୍ଟି ହୋଇଥିବା ସ୍ଥାନୀୟ କର୍ପୋରେଟର ଧୀରେଶ ସାବତ କହିଛନ୍ତି। କୁକୁରଙ୍କ ଦୌରାତ୍ମ୍ୟରୁ ମୁକ୍ତି ଦାବିରେ ଅଞ୍ଚଳବାସୀ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବା ସହ ସହରରେ ତୁରନ୍ତ ଏବିସି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଛନ୍ତି।

## ୨୧ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ବିଦ୍ୟାଳୟ ଗଲେ

ବ୍ରହ୍ମପୁର,୧୪।୧୨(ସମିସ): ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ଏବଂ ୬ରୁ ୧୪ବର୍ଷ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ସହଯୋଗରେ ସାମ୍ବିଧାନିକ ବ୍ୟବସ୍ଥା ରହିଛି। କିନ୍ତୁ ବିଭିନ୍ନ ସମୟରେ ଅନୁନ୍ନତ ଆର୍ଥିକ ସ୍ଥିତି ହେତୁ କିମ୍ବା ଦାଦନ ଖଟିବାକୁ ବାହାର ରାଜ୍ୟକୁ ସ୍ଥାନାନ୍ତର ହେତୁ କିଛି ପିଲା ବିଦ୍ୟାଳୟ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଚାଇଲଡ ଟ୍ରାକିଂ ସର୍ଭେରୁ ଜଣାପଡ଼ିଛି। ଏଭଳି ଏକ ଚିତ୍ର ଗଞ୍ଜାମ ଜିଲ୍ଲାର ଚିକିଟୀ ବ୍ଲକସ୍ତରରେ ୨୭୭ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଗତ ମେ'ମାସରେ ସମସ୍ତ ଗ୍ରାମ ଓ ସାହିରେ ସର୍ଭେ କରାଯାଇଥିଲା। ଫଳ ସ୍ୱରୂପ ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମସ୍ତ ଏବିଇଓ ଓ କର୍ମଚାରୀଙ୍କ ସହାୟତାରେ ଏପର୍ଯ୍ୟନ୍ତ ୮୫ରୁ ଅଧିକ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଆଦୌ ବିଦ୍ୟାଳୟରେ ପାଦ ମାଡିନଥିବା ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। କୌତୁହଳର ବିଷୟ ହେଉଛି ୨୧ଜଣ ଭିନ୍ନକ୍ଷମ ପିଲାଙ୍କୁ ମଧ୍ୟ ଚିହ୍ନଟ କରାଯାଇ ବିଦ୍ୟାଳୟରେ ସେମାନଙ୍କ ନାମ ଲେଖାଯାଇଛି। ଏ ସମ୍ପର୍କରେ ବିଇଓଙ୍କ ସହ ଯୋଗାଯୋଗ କରିବାରେ ଏହି କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଥିବା ବେଳେ ଆଗକୁ ଆହୁରି ବ୍ୟାପକ କରାଯାଇ କିଛି ପିଲାଙ୍କୁ ବିଦ୍ୟାଳୟ, ଆଇଟିଆଇ କିମ୍ବା ଓପନ ସ୍କୁଲରେ ନାମ ଲେଖାଇବା ପାଇଁ ସମସ୍ତ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଝାଟିପଦର କ୍ଲଷ୍ଟର ସିଆରସିସି ଏ. ଦମୟନ୍ତୀ ସର୍ବାଧିକ ୫ରୁ ଅଧିକ ଭିନ୍ନକ୍ଷମ ପିଲାଙ୍କୁ ଘରୁ ଆଣି ବିଦ୍ୟାଳୟରେ ନାମ ଲେଖାଇ ବ୍ଲକ ପାଇଁ ଉଦାହରଣ ସାଜିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ବିଇଓ ପନ୍ନଗ ଭୂଷଣ ମାଝୀଙ୍କ ପ୍ରେରଣା, ସମସ୍ତ ଏବିଇଓ, ଏମଆଇଏସ ଅମିତ ପାଢ଼ୀ, ବିଆରଟି ତାରା ପ୍ରସାଦ ପ୍ରଧାନ ଏବଂ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇଥିବା କହିଛନ୍ତି।



## ଜାତୀୟ ପୁରୁଷ ହ୍ୟାଣ୍ଡବଲ୍ ଦଳରେ ବ୍ରହ୍ମପୁରର ୩ ଖେଳାଳି



ବ୍ରହ୍ମପୁର,୧୪।୧୨(ସମିସ): ଚଳିତ ମାସ ୧୫ରୁ ୨୦ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ୫୩ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ହ୍ୟାଣ୍ଡବଲ ଦଳ ଅଂଶଗ୍ରହଣ କରିବ। ଘୋଷିତ ଓଡିଶା ରାଜ୍ୟ ଦଳରେ ବ୍ରହ୍ମପୁରର ରମାଶିଶ ଜେନା, ଅମିତ୍ କୁମାର ପାତ୍ର ଓ ରଜତ କୁମାର ପାତ୍ର ସ୍ଥାନ ପାଇଛନ୍ତି। ଗତ ନଭେମ୍ବର ମାସରେ ପୁରୀଠାରେ ଆୟୋଜିତ ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମ ଦଳ ଉନ୍ନତ ତଥା ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ପ୍ରତିଯୋଗିତାରେ ବ୍ରହ୍ମପୁରର ଉପୋରକ୍ତ ୩ଜଣ ଖେଳାଳି ଉତ୍ତମ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦ୍ୱାରା ମନୋନିତ ହୋଇ ଓଡ଼ିଶା ହ୍ୟାଣ୍ଡବଲ ଦଳରେ ସାମିଲ ହୋଇପାରିଛନ୍ତି। ଖେଳାଳିଙ୍କ ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସାଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପସଭାପତି ରାଜେଶ କୁମାର ସାହୁ, କୋଷାଧ୍ୟକ୍ଷ ଡ. ମନୋଜ କୁମାର ପାତ୍ର ଓ ଏନଆଇଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

ବ୍ରହ୍ମପୁର,୧୪।୧୨(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଗଞ୍ଜାମ ଜିଲ୍ଲା ଆଥଲେଟିକ ମିଟ୍ ରବିବାର ଉଦଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହର ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ ଓ ଇଂ. କୁନାଲ କୌଶିକ ପଣ୍ଡାଙ୍କ ସମେତ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସଦସ୍ୟ କେଦାର ଚୌଧୁରୀ, ଡି. ଆପ୍ପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଡି.ଡି. ଗନ୍ତାୟତ, ଏଲ.କେ. ରାଓରେଡ୍ଡୀ, ବିଜୟ ପଟ୍ଟନାୟକ ଓ ନାରାୟଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଖେଳରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସହସ୍ରାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡାସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ଗୋପାଳ ପଣ୍ଡା, ସୁଦର୍ଶନ ସେଠୀ, ଟୁକୁ ସେଠୀ, ରବୀନ୍ଦ୍ର ମହାରଣା, ବିଶ୍ୱନାଥ ପାତ୍ର ଏବଂ ଟି. ଶ୍ରୀନିବାସ ପ୍ରମୁଖ ସକ୍ରିୟ ଯୋଗଦାନ କରି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



## ଇସ୍କନ୍ ପକ୍ଷରୁ ଗୀତା ଚାମ୍ପିଅନ୍‌ସିପ୍



ବ୍ରହ୍ମପୁର,୧୪।୧୨(ସମିସ): ଆଙ୍କୁଶପୁର ସ୍ଥିତ ଇସ୍କନ କେନ୍ଦ୍ର ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୀତା ଚାମ୍ପିଅନ୍‌ସିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମଦ୍ ଭାଗବତ ଗୀତା ମୌଳିକ ରୂପରେ ସମ୍ପର୍କରେ ଏକ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ଦୁଇ ହଜାର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶ୍ରୀଳ ପ୍ରଭୁପାଦଙ୍କ ଯୁଗାନ୍ତକାରୀ ଶିକ୍ଷା ଉପରେ ଆଧାରିତ ମାନବର ପରମ କଲ୍ୟାଣକାରୀ ପଦକ୍ଷେପ ସମ୍ପୂର୍ଣ୍ଣ ସମାଜ ଦ୍ୱାରା ସ୍ୱାଗତ ଯୋଗ୍ୟ ହେବା ଉଚିତ୍ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏ ଅବସରରେ ଖୋଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଏଥିରେ କୃତି ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ଆସନ୍ତା ମାସରେ କେନ୍ଦ୍ର ପକ୍ଷରୁ ପୁରସ୍କୃତ କରାଯିବ ବୋଲି

## ଆକ୍ରମଣ ମାମଲାରେ ଦୁଇ ଗିରଫ

ବ୍ରହ୍ମପୁର,୧୪।୧୨(ସମିସ): ମଣ୍ଟୁ ନାୟକଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଲାଠି ଗ୍ରାମର ସୀମାଞ୍ଚଳ ନାୟକ (୩୨) ଓ ରାହୁଲ ନାୟକ(୨୧)। ସୂଚନାଯୋଗ୍ୟ ଯେ, ଲାଠି ଗ୍ରାମର ମଣ୍ଟୁ ନାୟକଙ୍କୁ ସୀମାଞ୍ଚଳ ନାୟକ ଓ ରାହୁଲ ନାୟକ ଗତ ୧୩ତାରିଖରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସୀମାଞ୍ଚଳ ଓ ରାହୁଲଙ୍କ ଜଣେ ସାଙ୍ଗକୁ ଗତ କିଛିଦିନ ପୂର୍ବେ ମଣ୍ଟୁ ନାୟକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନରେ ମୁକୁଳିବା ପରେ ପୁଣି ଏହି ଘଟଣା ଘଟିଥିଲା।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକ ଆଜି**

# ୬୪ଟି ପ୍ରସଙ୍ଗରେ ହେବ ସରଗରମ୍ ଆଲୋଚନା

ବ୍ରହ୍ମପୁର,୧୪।୧୨(ସମିସ)




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ସିଣ୍ଡିକେଟ ବୈଠକ ଆଜି ଅନୁଷ୍ଠିତ ହେବ। ଏଥିରେ ଗତ ଅଗଷ୍ଟ ୨ତାରିଖ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିକୁ ନିର୍ଦ୍ଧାରଣ କରାଯିବା ସହିତ ଇତି ମଧ୍ୟରେ କୁଳପତି ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇ ତାହା ଉପରେ ମୋହର ଲାଗିବ। ମୋଟାମୋଟି ଭାବେ କହିବାକୁ ଗଲେ ବୈଠକ ପାଇଁ ପ୍ରସ୍ତୁତ ଏଜେଣ୍ଡାରେ ୬୪ଟି ପ୍ରସଙ୍ଗରେ ଆଲୋଚନା ହେବାକୁ ଏକ ରକମର ଚୂଡ଼ାନ୍ତ ହୋଇଛି। ତେବେ ଏଥି ସହିତ ଟେବୁଲ ଏଜେଣ୍ଡା ବା ବୈଠକରେ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହାକୁ ଯଦି କୌଣସି ସଦସ୍ୟ ଉଠାଇବେ ସେନେଇ ମଧ୍ୟ ଆଲୋଚନା ହୋଇପାରେ। ଖାସ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଡେପୁଟି କଣ୍ଟ୍ରୋଲର ଅଫ୍ ଏକ୍‌ଜାମ ବା ପରୀକ୍ଷା ଉପନିୟନ୍ତ୍ରକ ଭଳି ନୂତନ ପଦବୀ ସୃଷ୍ଟି ଓ ତାଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ ସମ୍ପର୍କରେ। ପୂର୍ବରୁ ଏଭଳି କୌଣସି ପଦବୀ ନଥିବା ବେଳେ ନିକଟ ଅତିତରେ ବିଶ୍ୱବିଦ୍ୟାଳୟରେ ଏଭଳି ଏକ ପଦବୀ ସୃଷ୍ଟି କରାଯାଇଛି। ସେଥିରେ ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ନିକଟରେ ସେ ଅବସର ଗ୍ରହଣ କରିଛନ୍ତି। ତେବେ ଅବସର ଗ୍ରହଣ ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବର୍ତ୍ତମାନ କୁଆଡ଼େ ବିନା ସାକ୍ଷାତକାରରେ ଆଇଆରପିଏମ ବିଭାଗରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ବିଶ୍ୱବିଦ୍ୟାଳୟରେ ଜଣେ ସ୍ଥାୟୀ ପରୀକ୍ଷା ନିୟନ୍ତ୍ରକ ବା କଣ୍ଟ୍ରୋଲର ଅଫ ଏକଜାମିନେସନ ଥିବା ସତ୍ତ୍ୱେ ତାଙ୍କର କ୍ଷମତାକୁ ହ୍ରାସ କରାଯାଇ କେଉଁ ପରିସ୍ଥିତିରେ ଜଣେ ଡେପୁଟି କଣ୍ଟ୍ରୋଲରଙ୍କୁ ନିଯୁକ୍ତି ଦିଆଗଲା ଏଥିପାଇଁ କାହାର ଅନୁମତି ନିଆଯାଇଛି କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସବୁଠାରୁ ବଡକଥା ଏଭଳି କୌଣସି ବିଧିବ୍ୟବସ୍ଥା ନଥିବା ସତ୍ତ୍ୱେ ନିଯୁକ୍ତ ଡେପୁଟି କଣ୍ଟ୍ରୋଲରଙ୍କ ଦସ୍ତଖତରେ ବିଭାଗୀୟ ବହୁ ନଥିପତ୍ର ସ୍ୱାକ୍ଷର କରାଯିବା କେତେଦୂର ଯଥାର୍ଥ ତାକୁ ନେଇ ମଧ୍ୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସେପଟେ ବିଶ୍ୱବିଦ୍ୟାଳୟର ଆଇଆରପିଏମ ବିଭାଗରେ ଜଣେ ଏବଂ ଓଡିଆ ବିଭାଗରେ ଦୁଇଜଣ ଏହିଭଳି ମୋଟ ୩ଜଣଙ୍କୁ ଅତିଥି ଅଧ୍ୟାପକ ଭାବେ ସେପୁଣି ବିନା ସାକ୍ଷାତକାରରେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ବିଶ୍ୱବିଦ୍ୟାଳୟ ପକ୍ଷରୁ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଯୋଗୁଁ ୨ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଉଭୟ ପରୀକ୍ଷାର୍ଥୀ ସତୀଶ ପଣ୍ଡା ଓ ଏମ. ଆକାଂକ୍ଷ୍ୟା ସୂଚନା ଅଧିକାର ଆଇନ ବଳରେ ସେମାନଙ୍କ ପରୀକ୍ଷାର ଉତ୍ତର ଖାତାକୁ ସଂଗ୍ରହ କରି ପୁନଃ ମୂଲ୍ୟାୟନ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଭୟ ପରୀକ୍ଷାଖାତାର ମୂଲ୍ୟାୟନ ହୋଇସାରିଥିଲେ ହେଁ ତାହାକୁ ଗ୍ରହଣ କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ଫଳାଫଳ ଘୋଷଣା କରୁନଥିବା ଅଭିଯୋଗ କରିଛନ୍ତି ଉଭୟ ପରିକ୍ଷାର୍ଥୀ। ଏନେଇ ଉଭୟ ପରିକ୍ଷାର୍ଥୀ ବିଶ୍ୱବିଦ୍ୟାଳୟର ଏକାଧିକ ସିଣ୍ଡିକେଟ ସଦସ୍ୟଙ୍କୁ ଲିଖିତ ଜଣାଇଥିବାରୁ ଏହି ପ୍ରସଙ୍ଗ ମଧ୍ୟ ଆଜିର ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ତେବେ ବିଶ୍ୱବିଦ୍ୟାଳୟରେ ଡେପୁଟି କଣ୍ଟ୍ରୋଲର ଅଫ୍ ଏକ୍‌ଜାମ ପଦବୀ ସୃଷ୍ଟି ଓ ଅତିଥି ଅଧ୍ୟାପକଙ୍କୁ ବିନା ସାକ୍ଷାତକାରରେ ନିୟୋଜିତ କରାଯିବା ଭଳି ଅଭିଯୋଗର ଯଦି ସତ୍ୟତା ଥାଏ ତେବେ ଏହା ଏକ ସଙ୍ଗୀନ ମାମଲା। ଏଣୁ ଏଭଳି ଅଭିଯୋଗର ତଦନ୍ତ ପାଇଁ କୁଳାଧିପତି ତଥା ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ସହରର କିଛି ଶିକ୍ଷାବିତ ତଥା ବୁଦ୍ଧିଜୀବୀ।

> **ପରୀକ୍ଷା ଉପ ନିୟନ୍ତ୍ରକ ଓ ୩ ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ପ୍ରସଙ୍ଗ ଉଠିବା ସମ୍ଭାବନା**
>
> **ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ନେଇ ଦୁଇ ପରୀକ୍ଷାର୍ଥୀଙ୍କ ଆବେଦନ ଉପରେ ରହିଛି ନଜର**

## ପୁରାତନ ଛାତ୍ରଙ୍କ ବାର୍ଷିକ ଅଧିବେଶନ



ବ୍ରହ୍ମପୁର,୧୪।୧୨(ସମିସ): ସ୍ଥାନୀୟ ସ୍ମୃତିପୀଠ ଉତ୍କଳ ଆଶ୍ରମ ଜାତୀୟ ଭବନ ପରିସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପୁରାତନ ଛାତ୍ର ସଂଗୋଷ୍ଠୀର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଗୋଷ୍ଠୀର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟଅତିଥି ଭାବେ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ହରିକୃଷ୍ଣ ନାୟକ, ଡ. ରାଧାଗୋବିନ୍ଦ ପାଢ଼ୀ ଓ ଡ. ଧରଣୀଧର ପଣ୍ଡା ଭଞ୍ଜବିହାର ଓଡ଼ିଆ ବିଭାଗରେ ଅତିବାହିତ ହୋଇଥିବା ସମୟକୁ ମନେପକାଇ ଉଦ୍‌ଜିବୀତ କରିଥିଲେ। ଉଦଘାଟନୀ ପର୍ବରେ 'ସ୍ମୃତିରେ... ସ୍ମୃତିରେ... ମୋ ଗୁରୁ ଓ ଗୌରବ' ଶିରୋନାମାରେ ପ୍ରକାଶିତ ସ୍ମୃତି-ପୁସ୍ତକର ଭବ୍ୟ ପାଠକାର୍ପଣ କରାଯାଇଥିଲା। ଅଧିବେଶନରେ ସମ୍ପାଦକ ଡ. ବନମାଳୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି ଓଝା ଦିବସବ୍ୟାପୀ ଅଧିବେଶନର ସଂଚାଳନା ଓ ସଂଯୋଜନା କରିଥିଲେ। ସେହିପରି ଡ. ଲମ୍ବୋଦର ପାଣିଗ୍ରାହୀଙ୍କ ଦ୍ୱାରା ଲିଖିତ ଆଲୋଚନା ଗ୍ରନ୍ଥ 'ଭଞ୍ଜୀୟ କାବ୍ୟ ପରମ୍ପରା: ରାଜକବି ତ୍ରିବିକ୍ରମ ଭଞ୍ଜ' ଲୋକାର୍ପିତ ହୋଇଥିଲା। ଅଧିବେଶନରେ ଡ. ହୃଷୀକେଶ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂକଳିତ ସ୍ମୃତିଗ୍ରନ୍ଥ ସମ୍ପର୍କରେ ଡ. ଅଶୋକ କୁମାର ପଣ୍ଡା ଓ ଡ. ସଞ୍ଜୟ କୁମାର ପଣ୍ଡା ଆଲୋକପାତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବହୁ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରସନ୍ନ କୁମାର ବିଷୋୟୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଡ. ସୁମିତା ମିଶ୍ର, ଡ. ହୃଷୀକେଶ ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ସନ୍ତୋଷ କୁମାର ପାଣିଗ୍ରାହୀ, କବି ପ୍ରହଲ୍ଲାଦ ବେହେରା, ସରକାରୀ ଅଧିବକ୍ତା ରଞ୍ଜିତ କୁମାର ମିଶ୍ର, ଡ. ଲକ୍ଷ୍ମୀ ନାରାୟଣ ଦାଶ ଓ ଡ. ନର୍ମଦା ଷଡ଼ଙ୍ଗୀ ପ୍ରମୁଖଙ୍କ ଭଳି ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଭଞ୍ଜବିହାର ସ୍ମୃତିଚାରଣ କରିଥିଲେ।

ସକାଳ
THE SAKALA



# ଲାସେରୀ ସଂରକ୍ଷିତ ଜଙ୍ଗଲରେ ହାତୀପଲ; ଭୟରେ ଗ୍ରାମବାସୀ

## ଫସଲ ନଷ୍ଟ ପରେ ଚାଷୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

କୋଟଗଡ,୧୪।୧୨(ସମିସ):



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡରେ ଦୁଇ ଦିନ ପୂର୍ବେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ତାହାର ବ୍ୟବଚ୍ଛେଦ ନ ସରୁଣୁ ପୁଣି ହାତୀପଲଙ୍କ ଉପଦ୍ରବ ବନ ବିଭାଗ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଦୁଇ ଦିନ ଧରି କୋଟଗଡ଼ ଅଭୟାରଣ୍ୟ ଅନ୍ତର୍ଗତ ଲାସେରୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ ହାତୀପଲ ଉପଦ୍ରବ କରୁଛନ୍ତି। ଏହି ହାତୀପଲରେ ଛୋଟ ବଡ଼ ମିଶି ୮ ହାତୀ ରହିଥିବା କୋଟଗଡ଼ ବନାଞ୍ଚଳ ଅଧିକାରୀ ବାଳଗୋପାଳ ବେହେରା ସୂଚନା ଦେଇଛନ୍ତି। ଏହି ହାତୀପଲ ରାୟଗଡ଼ା ବନଖଣ୍ଡ ସୀମାନ୍ତରୁ ଏହି ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସିଥିବା ବିଭାଗୀୟ ସୂଚନା ରହିଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ। ଶୁକ୍ରବାର ରାତିରେ ହାତୀପଲ ବାଣ୍ଡାପିପିଲି ଗ୍ରାମର ବହୁ ଚାଷୀଙ୍କର ବିରି, ମୁଗ, କପା, କଦଳୀ ଏବଂ ଝୁଡୁଙ୍ଗ ଇତ୍ୟାଦି ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଲାସେରୀ ବିଟ୍ ବନରକ୍ଷୀ ବେଲଘର ବନାଞ୍ଚଳର ଝିରିପାଣି କର୍ଜଣ୍ଡି ଗ୍ରାମରେ ମୃତ ଦନ୍ତା ହାତୀର ଶବ ବ୍ୟବଚ୍ଛେଦ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଉପଦ୍ରବ ଜାରୀ ରଖିଥିବା ହାତୀପଲକୁ ଘଉଡ଼ାଇବା ଏବଂ ସୁରକ୍ଷା ଦେବାରେ ଅବହେଳା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ବାଣ୍ଡାପିପିଲି କନ୍ଧସାହି, କଲୋନୀ ସାହି ଇତ୍ୟାଦି ଗ୍ରାମରେ ରହି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଅପରପକ୍ଷେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଆବଶ୍ୟକ ପ୍ରକ୍ରିୟାରେ ସହଯୋଗ କରିବାରେ ବନବିଭାଗ ବିଫଳ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ବିଶ୍ୱନାଥ ଖୋସଲା, ଝିରିପାଣି ମାଝୀ ଓ ସାନି ମାଝୀ ଅଭିଯୋଗ କରିଛନ୍ତି। ଗତକାଲି ଠାରୁ ବିଭାଗ ନିକଟରେ ହାତୀପଲ ସଂକ୍ରାନ୍ତରେ ସ୍ୱଷ୍ଟ ସୂଚନା ଥିଲେ ମଧ୍ୟ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଗଲା ନାହିଁ କିମ୍ବା ସତର୍କ ସୂଚନା ଦିଆଯାଇଥିଲେ ବର୍ଷକର ଫସଲ ପୁଞ୍ଜି ନଷ୍ଟ ହୋଇନଥାନ୍ତା ବୋଲି କ୍ଷତିଗ୍ରସ୍ତ ଚାଷୀ ସ୍ଥାନୀୟ କର୍ମଚାରୀଙ୍କ ଉପରେ ଦୋଷ ଲଦିଛନ୍ତି। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଏବଂ ଅବହେଳା ଯୋଗୁ ଗ୍ରାମବାସୀଙ୍କ ଫସଲ ନଷ୍ଟ ହୋଇଛି। କେବେ ବିଭାଗୀୟ ସହାୟତା ମିଳିବ ତାହା କାହାକୁ ଜଣାନାହିଁ। ପରିବାର ପ୍ରତିପୋଷଣ କରିବୁ କେମିତି ବୋଲି ବହୁ ଚାଷୀ ପ୍ରଶ୍ନ କରିଛନ୍ତି।

# ଜି.ଉଦୟଗିରିରେ ତାପମାତ୍ରା ୪.୨ ଡିଗ୍ରୀ



ଜି.ଉଦୟଗିରି,୧୪।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଜାରି ରହିଛି ଶୀତ ଲହରୀ। ଏହି କ୍ରମରେ ରାଜ୍ୟର ଶିତଳତମ ସହର ଜି.ଉଦୟଗିରିରେ ଅଧିକ ଶୀତ ଅନୁଭୂତ ହେଉଛି। ଶୁକ୍ରବାର ଏବଂ ଶନିବାର ୨ଦିନ ଧରି ତାପମାତ୍ରା ୩.୧ ରହିଥିବା ବେଳେ ରବିବାର ସର୍ବନିମ୍ନ ତାପମାତ୍ରା ୪.୨ ରହିଥିବା ରେକର୍ଡ କରାଯାଇଛି। ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସୁନଥିବା ବେଳେ ରାତି ତାପମାତ୍ରା କମିବାରେ ଲାଗିଛି। ଫଳରେ ଦୁଇଦିନ ହେଲା ଜି.ଉଦୟଗିରି ସହର ସହିତ ଗ୍ରାମାଞ୍ଚଳରେ ତୁଷାରପାତ ଜାରି ରହିଛି। ତୁଷାରପାତ ସହିତ ଶୀତରେ ମଜା ନେବା ପାଇଁ ପ୍ରମୁଖ ପର୍ଯଟନସ୍ଥଳ କାଳିଗାଡୁ ହିଲଟିପ, ସିରିକି ଇକୋପାର୍କ, କଫି ପ୍ଲାଣ୍ଟ, ଗୋଲମରିଚ ବଗିଚା,କଳିଙ୍ଗା ବାଟନିକାଲ ଗାଡେନ,କଳିଙ୍ଗା ଘାଟି, କଳିଙ୍ଗା ଶିବ ମନ୍ଦିର, କଳିନାୟୁ ଡ୍ୟାମ, ରାଜଗଡା ୱାଟର ଫଲ, ମଧୁଝରି ୱାଟର ଫଲ, ମୁଣ୍ଡା କାଙ୍ଗା ଗୁମ୍ଫା, ଡ଼ଡାସରୁ ବାଘ ଗୁମ୍ଫା, କଟିଙ୍ଗିଆ ଗଡିସିଲା ୱାଟର ଫଲ ଆଦି ପର୍ଯ୍ୟଟନ ସ୍ଥଳରେ ଭିଡ ଜମୁଛି। ବିଶେଷ କରି ଶନିବାର ଏବଂ ରବିବାର ଦିନ ଏ ଗହଳି ଦ୍ୱିଗୁଣିତ ହେଉଥିବା ବେଳେ ସିରିକି ଇକୋ ପାର୍କ ନିକଟରେ ପର୍ଯ୍ୟଟକ ବଣ ଭୋଜି ମଜା ନେଉଥିବା ଦେଖିବାକୁ ମିଳିଛି। ଶୀତକୁ ଦୃଷ୍ଟିରେ ଚଳିତ ବର୍ଷ ଶୀତ ମହୋତ୍ସବ ଆୟୋଜନ ଚାଲିଥିବା ବେଳେ ଜାନୁଆରୀ ୧୯ ରୁ ୨୩ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିର ହୋଇଛି।

# ଇସ୍ରୋ ଭ୍ରମଣରେ ଯିବେ ଶିଶୁମନ୍ଦିର ଛାତ୍ରୀ

ପାରଳାଖେମୁଣ୍ଡି,୧୪।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ରୀ ସାଇଶ୍ରୀ ପଣ୍ଡିତ ୧୩ ଡିସେମ୍ବର ଦିନ ଭୁବନେଶ୍ୱର



ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିଅମ୍‌ରେ ଟାଟା ଷ୍ଟିଲ୍ ଦ୍ୱାରା ଅନୁଷ୍ଠିତ ୟଙ୍ଗ ଆଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶାର ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଚୟନ ହୋଇ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହା ସହ ସେ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ମହାକାଶ ବିଜ୍ଞାନ କେନ୍ଦ୍ର ଭ୍ରମଣ କରିବାକୁ ଯୋଗ୍ୟତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟରେ ଆନନ୍ଦର ଲହରି ଖେଳି ଯାଇଛି। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଉପଦେଷ୍ଟାମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫିରିଙ୍ଗିଆ,୧୪।୧୨(ସମିସ): ଫିରିଙ୍ଗିଆ ବ୍ଲକ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ବାର୍ଷିକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟ ଅତିଥଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା ଓ ବିକ୍ରମ ମଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ସଭାପତି ବିକ୍ରମ ସିଂ କହଁର, ସମ୍ପାଦକ ଯୋଗେଶ୍ୱର ବେହେରା ଓ ପ୍ରଦୀପ ମଲ୍ଲିକ କରିଥିଲେ । ବନିତା ସ୍ୱାଇଁ, ଅଦ୍ୱୈତ କୁମାର ସାହାଣୀ, ହେମଲତା ମୁଖି ଓ ଗୌରବ କହଁର ସହଯୋଗ କରିଥିଲେ । ସୀମାଞ୍ଚଳ ମୁଖି ଓ ଅଲେଖ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବ୍ଲକ ସ୍ତରୀୟ ବାର୍ଷିକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ପ୍ରତାପ ଚନ୍ଦ୍ର ସାହୁ, ଶିଶିର କାନ୍ତ ଗୌଡ଼, ମନୋରଞ୍ଜନ ମିଶ୍ର, ନୀଳମଣି ସାହୁ, ବୃନ୍ଦାବତୀ ଦେହୁରୀ, ପ୍ରଫୁଲ୍ଲ କୁମାର ସାହୁ ବିଘ୍ନେଶ୍ୱର ପ୍ରଧାନ, ସାଧୁ ଚରଣ ମଣ୍ଡା, ଚକ୍ରଧର ପ୍ରଧାନ, ସୁଭାଷିନୀ ଦିଗାଲ ଓ ଶ୍ୟାମଘନ ତ୍ରିପାଠୀ ସମେତ ୧୨ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଞ୍ଚାସିନ ଅତିଥିମାନେ ଫିରିଙ୍ଗିଆ ବ୍ଲକରେ ଶିକ୍ଷା ଭବନ ନିର୍ମାଣ ସାଙ୍ଗକୁ ବ୍ଲକର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏକତ୍ର ହୋଇ ଗୋଟିଏ ସ୍ଥାନରେ ଗୁରୁ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଗଜପତି ବ୍ଲଡ୍ ଡୋନର୍ସ ପକ୍ଷରୁ ମେଗା ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୧୪।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ବ୍ଲଡ ଡୋନର୍ସ ସଂଗଠନ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ ସ୍ୱତନ୍ତ୍ର ଅତିଥି ଭାବେ



ଯୋଗ ଦେଇଥିଲେ। ଗଜପତି ବ୍ଲଡ ଡୋନର୍ସ ସଭାପତି ଜି.ନବୀନ କୁମାର, ଉପସଭାପତି ଏସ୍.ରଷଙ୍କ ସମେତ ଜଗତ ମୋହନ ସାହୁ, କ୍ରାନ୍ତି ବେହେରା, କେ.ଶରତ କୁମାର, ସୁଲତାବ ପାଣ୍ଡବ, ସସ୍ମିତା ବେହେରା, କୈଳାସ ବିଶ୍ୱାଳ, ବିଜୟ ମହାପାତ୍ର ସଦସ୍ୟ/ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଓ ସ୍ୱତନ୍ତ୍ର ଅତିଥି ଗଜପତି ବ୍ଲଡ ଡୋନର୍ସର ଏପରି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ରକ୍ତଦାନ କରିବାକୁ ବିଶେଷ କରି ଯୁବସମାଜ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ମୋଟ ୫୪ ୟୁନିଟ ବ୍ଲକ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାରର ସିନିୟର ଟେକ୍ନିସିୟନ ଖଗେଶ୍ୱର ବେହେରା ଓ ତାଙ୍କ ସହକର୍ମୀ ରକ୍ତ ସଂଗୃହୀତ କରିଥିଲେ।

# ରାମାନୁଜନ କ୍ଲବ ପକ୍ଷରୁ ଗଣିତ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୪।୧୨(ସମିସ): ଆଗାମୀ ୨୨ ତାରିଖରେ ଜାତୀୟ ଗଣିତ ଦିବସ ପାଳନ ଅବସରରେ ତଥା ପିଲାଙ୍କ ମଧ୍ୟରେ ଗଣିତ ବିଷୟ ପ୍ରତି ରୁଚି ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାମାନୁଜନ୍ ଗଣିତ କ୍ଲବ୍ ପାରଳାଖେମୁଣ୍ଡି ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣିତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ରାମ ଶଙ୍କର ଗନ୍ତାୟତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ




୧୫ଟି ବିଦ୍ୟାଳୟର ୧୪୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୂଲ୍ୟାଙ୍କନ ପରେ କୃତି ପ୍ରତିଯୋଗୀଙ୍କୁ ଜାତୀୟ ଗଣିତ ଦିବସରେ ପୁରସ୍କୃତ କରାଯିବ। ଏହି ଅବସରରେ ରାମାନୁଜନ ମ୍ୟାଥ୍ ମ୍ୟାଟିକ୍ସ କ୍ଲବ୍‌ର ସଦସ୍ୟ ତଥା ଜିଲ୍ଲାର ଗଣିତ ପ୍ରେମୀ ଶିକ୍ଷକ ମନୋଜ କୁମାର ପଣ୍ଡା, ହରିନାଥ ପାତ୍ର, ରମାକାନ୍ତ ପଟ୍ଟନାୟକ, ଆନନ୍ଦ ଶତପଥୀ, ଭବାନୀ ଶଙ୍କର ପଟ୍ଟଯୋଶୀ, ରାମ ଚନ୍ଦ୍ର ମିଶ୍ର, ବବିତା ପୁରୋହିତ, ବିନୋଦିନୀ ପାଣିଗ୍ରାହୀ, ଶ୍ରୀଧର ମିଶ୍ର, ସୁଜ୍ଞାନ ବ୍ରହ୍ମା, ରବି ଚୌଧୁରୀ, ଦ୍ୟୁତିକୃଷ୍ଣ ବେହେରା, ରମାକାନ୍ତ ହୋତା, ପୁରୁଷୋତ୍ତମ ବେହେରା, ନରେଶ ପ୍ରଧାନ, ଶଶିଭୂଷଣ ପଟ୍ଟନାୟକ, ଶ୍ରଦ୍ଧାମୟୀ ପାଢ଼ୀ, ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଗାଇଡ୍ ଶିକ୍ଷକ ଉପସ୍ଥିତ ଥିଲେ।

# ରାଜ୍ୟ ସ୍ତରୀୟ ଭଲିବଲ୍‌ରେ ଦାରିଙ୍ଗବାଡ଼ି ଚାମ୍ପିଅନ୍



ଚକାପାଦ,୧୪।୧୨(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳିରେ ଗୌରୀ ଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଗତ ୯ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଦାରିଙ୍ଗବାଡି ଦଳ୨-୧ ସେଟରେ ରାଣ୍ଡମ ସିକ୍ସକୁ ହରାଇ ଚାମ୍ପିଆନ ହୋଇଛି। ବିଜେତା ତଥା ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ମଧ୍ୟ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଚକାପାଦ ପଂଚାୟତ ସମିତି ଅଧ୍ୟକ୍ଷା ବୈନେତ୍ରୀ କହଁର, ଚକାପାଦ ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରେମାନନ୍ଦ ପ୍ରଧାନ, କୁସୁମେଣ୍ଡିର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୁଧୀର ରଞ୍ଜନ ଦିଗାଲ ଯୋଗ ଦେଇଥିଲେ। କମିଟି ସଭାପତି ମଞ୍ଚ ପରିଚାଳନା କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚକାପାଦ ମଣ୍ଡଳ ସଭାପତି ସର୍ବେଶ୍ୱର ପ୍ରଧାନ, ସାଂସଦ ପ୍ରତିନିଧି ତଥା ପସରା ଗ୍ରାମପଂଚାୟତ ସରପଞ୍ଚ ସୁମନ୍ତ ମଲିକ, ବିଧାୟକ ପ୍ରତିନିଧି ଗଣେଶ ପ୍ରଧାନ ଯୋଗ ଦେଇ ଖେଳାଳିଙ୍କୁ ତଥା ଗୌରୀ ଶଙ୍କର ଯୁବକ ସଂଘର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ତ୍ରିପାଠୀ ଦିଗାଲ ଭାଷ୍ୟକାର ଥିବାବେଳେ ଉପଦେଷ୍ଟା କମିଟିର ସୁଧୀର ରଞ୍ଜନ ଦିଗାଲ, ଗୋପବନ୍ଧୁ ଦାସ, କାହ୍ନୁ ଚରଣ ପୃଷ୍ଟି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସହଯୋଗ କରିଥିଲେ।

# ସଂକୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ଜି.ଉଦୟଗିରି,୧୪।୧୨(ସମିସ): ଜି.ଉଦୟଗିରି ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟରେ ଫୁଲବାଣୀ ସଙ୍କୁଳର ସଂକୁଳସ୍ତରୀୟ କ୍ରୀଡ଼ା ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର ବିଶି ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହିତ ଉତ୍ସାହିତ କରିଥିଲେ। ଫୁଲବାଣୀ ସଂକୁଳ ଅନ୍ତର୍ଗତ ସମସ୍ତ ଶିଶୁ ମନ୍ଦିରର ଶିଶୁ, ବାଲ୍ ଓ କିଶୋର ବର୍ଗରୁ ମୋଟ ୧୬୯ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଦେବସ୍ମିତା ଶତପଥୀ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହିତ ସଫଳ କ୍ରୀଡ଼ାବିତଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ କରିଥିଲେ। ଦକ୍ଷିଣ- ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଫୁଲବାଣୀ ସଙ୍କୁଳ ପ୍ରମୁଖ ପବିତ୍ର କୁମାର ସାହୁ, ସଙ୍କୁଳ ସଂଯୋଜକ ରାଜେନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମର ମାର୍ଗଦର୍ଶନ ଓ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବିନୋଦ ବିହାରୀ ଦାସ,ସମ୍ପାଦକ ଶିବରାମ ସାହୁଙ୍କ ସମେତ ସମସ୍ତ ସଦସ୍ୟ ତଥା ଆଚାର୍ଯ୍ୟ ଅଚାର୍ଯ୍ୟା ସହଯୋଗ କରିଥିଲେ।



# ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର




ପାରଳାଖେମୁଣ୍ଡି,୧୪।୧୨(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ସମରଝୋଲ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏହି ଶିବିର ହୋଇଥିଲା। ଶିବିରକୁ ପୂର୍ବତନ ଗୁରାଣ୍ଡି ସରପଞ୍ଚ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ କୁମାର ସାମଲ ଉଦଘାଟନ କରିଥିବା ବେଳେ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ସମିତିସଭ୍ୟା ପି. ମିନାକ୍ଷୀ, ନାଏବ ସରପଞ୍ଚ ରୁକୁମା ମାଝି ଓ ସମାଜସେବୀ ନଳିନୀକାନ୍ତ ପାତ୍ର ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଚକ୍ଷୁ ପ୍ରତିସରଣ ଦୋଶ, କଳାମୋତିଆ ବିନ୍ଦୁ (ଗ୍ଲୁକୋମା), ପରଳ ଓ ଡାଇବେଟିକ୍, ଚକ୍ଷୁରୋଗର ପରୀକ୍ଷଣ ନିଃଶୁଳ୍କ କରାଯାଇଥିଲା। ଏଥିରେ ମୋଟ ୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୫ ଜଣଙ୍କୁ ରିହାତି ମୂଲ୍ୟରେ ଚଷମା ପ୍ରଦାନ କରଯାଇଥିଲା। ସେହିପରି ପାଞ୍ଚ ଜଣଙ୍କୁ ମାଗଣା ଅପରେସନ ନିମନ୍ତେ ପଠାଇ ଦିଆଯାଇଛି। ଚିକିତ୍ସାଳୟର କର୍ମଚାରୀ ପରିଚାଳନା କରିଥିବା ବେଳେ ଗୁରାଣ୍ଡି ଅଞ୍ଚଳର ସମାଜସେବୀ ଉମାଶଙ୍କର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ଆବାସିକ ଛାତ୍ରଛାତ୍ରୀଙ୍କ ମଶାରି କିଣାରେ ଦୁର୍ନୀତି ଅଭିଯୋଗ ଘଟଣା

# ଜିଲ୍ଲା ଓ ବ୍ଲକ ଅଧିକାରୀଙ୍କ କଥାରେ ରହୁନି ତାଳମେଳ

ରାୟଗଡ଼,୧୪।୧୨(ସମିସ):

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଆଦିବାସୀ ବିଦ୍ୟାର୍ଥୀଙ୍କ ପାଇଁ ଆସିଥିବା ମଶାରି କିଣା ଟଙ୍କା ହେରଫେର ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଇକା ଓ ରାୟଗଡ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ବିଡବ୍ଲୁଇଓ) ବିଷ୍ଣୁ ପ୍ରସାଦ ସେଠୀଙ୍କ ବକ୍ତବ୍ୟରେ ତାଳମେଳ ରହୁନଥିବା ବେଳେ ମଶାରି ହେରଫେର ଘଟଣାର ସତ୍ୟାସତ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଶନିବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଡିଡବ୍ଲ୍ୟୁଓ ଶ୍ରୀ ରାଇକା ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ। ଏ ପ୍ରକାର ଅନିୟମିତତା ହେବା କଥା ନୁହଁ। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣ ମାଧ୍ୟମକୁ ସଫେଇ ଦେଇଥିବା ବେଳେ ରାୟଗଡ ବ୍ଲକ ଡବ୍ଲୁଇଓ ଶ୍ରୀ ସେଠୀ ମଶାରି ସଠିକ ଭାବେ ଦିଆ ଯାଇନଥିବା କଥାକୁ ସ୍ୱୀକାର କରି ବ୍ଲକର ୮ ଆବାସିକ ବିଦ୍ୟାଳୟର ଜମାଖାତାକୁ ମଶାରି କିଣା ପାଇଁ ଟଙ୍କା ଆସିଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱରସ୍ଥିତ ଗ୍ରୀନ ଓଡ଼ିଶା ସର୍ଭିସେସ ବ୍ୟବସାୟିକ ସଂସ୍ଥା ନାମରେ ସମସ୍ତ ଟଙ୍କା ଜମା କରାଯାଇଥିଲା। ସେ କେବଳ ନୁହନ୍ତି ଗଜପତି ଜିଲ୍ଲାର ସମସ୍ତ ଡବ୍ଲ୍ୟୁଇଓ ମଧ୍ୟ ନିର୍ଦ୍ଦେଶ ମାନିଛନ୍ତି। ଅଗଷ୍ଟ ମାସରେ ମଶାରି ଆସିବାରୁ ହୀରାପୁର କନ୍ୟାଶ୍ରମକୁ ଏକ ଶହ ମଶାରି ଦିଆଯାଇଥିବା ବେଳେ ଅନ୍ୟ ସାତ ସ୍କୁଲକୁ କିଛି କିଛି ଦିଆଯାଇଛି। ପୁନର୍ବାର ମଶାରି ଆସିଲେ ଅବଶିଷ୍ଟ ଦିଆଯିବ ବୋଲି କହିଛନ୍ତି। ସେ ଓ ରାୟଗଡ ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ନିଜ ଇଚ୍ଛାରେ ଏଭଳି କାର୍ଯ୍ୟ କରିନାହୁଁ। ଯାହା କିଛି ହୋଇଛି ତାହା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଜାଣତରେ ଓ ତାଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ହୋଇଛି ବୋଲି କହିଛନ୍ତି। ତେବେ ଉଭୟ ଅଧିକାରୀଙ୍କ ମତାମତରେ ତାଳମେଳ ରହୁନଥିବା ବେଳେ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ ବ୍ଲକରେ ଥିବା ଏସ୍ଏସ୍ଡି ବିଭାଗୀୟ ଆଠ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଶାରି କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ତେବେ ବିଭାଗୀୟ ଅଧିକାରୀ ମାନଙ୍କ ଚାପରେ ଏହି ପ୍ରକାର ଘୋଟଲା ହୋଇଥିବା ଆଶଙ୍କା କରାଯାଉଛି। ଏଥିର ନିରପେକ୍ଷ ଓ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ମଶାରି କିଣା କାଗଜ କଲମ ଓ ମିଥ୍ୟା ବିଲ୍ ଭାଉଚରରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ମଶାରି କିଣା ଜମାଟଙ୍କା ଉଠାଣ କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଣିବାକୁ ନିର୍ଦ୍ଦେଶ ଥିବା ବେଳେ ଯୁଗ୍ମ ଜମା ଖାତାରେ ଟଙ୍କା ଜମା ହେଲା ପରେ ବିଭାଗୀୟ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ପ୍ରଧାନଶିକ୍ଷକ ଭୁବନେଶ୍ୱର ସ୍ଥିତ ଗ୍ରୀନ୍ ଓଡ଼ିଶା ସର୍ଭିସେସ୍ ଠିକା ସଂସ୍ଥାକୁ ଏନ୍ଇଏଫଟି କରିବାକୁ ବାଧ ହୋଇଥିଲେ। ଏଥିରେ କିଛି ଶିକ୍ଷକ ଆପତ୍ତି କରିବାରୁ ସଂପୃକ୍ତ ଅଧିକାରୀଙ୍କ ଚାପ ଯୋଗୁଁ ଅନିଚ୍ଛା ସତ୍ତ୍ୱେ ଉକ୍ତ ବ୍ୟବସାୟୀ ସଂସ୍ଥାକୁ ଟଙ୍କା ଦେଇଥିବା ପ୍ରଧାନଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍‌ଲାଇନରେ ଟଙ୍କା ନେବାର ପ୍ରାୟ ଏକ ମାସ ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ସେଠୀ ଶିକ୍ଷକଙ୍କୁ ବ୍ଲକକୁ ଡ଼ାକି କିଛି କିଛି ମଶାରି ଦେଇଥିଲେ। ତେବେ ଶିକ୍ଷକ ମାନେ ଏତେ କମ୍ ସଂଖ୍ୟାରେ ମଶାରି ନଦେଇ ଯେତକ ଟଙ୍କା ଡିପୋଜିଟ କରାଯାଇଛି ସେତକ ମଶାରି କାହିଁକି ଦିଆଯାଉନି ବୋଲି ପଚାରିବାରୁ ଆଉ କିଛିଦିନ ପରେ ଆସିବ ବୋଲି କହି ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ତେବେ ଟଙ୍କା ନେବାର ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅବଶିଷ୍ଟ ମଶାରି ମିଳୁନାହିଁ। ମଶାରି କିଣାରେ ଏ ପ୍ରକାରର ଘୋଟଲା କେବେଳ ରାୟଗଡ ବ୍ଲକରେ ନୁହେଁ ଜିଲ୍ଲାର ଅନ୍ୟ ବ୍ଲକ ମାନଙ୍କରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହୋଇଥିବା ବୁଦ୍ଧିଜିବୀ ଓ ଶିକ୍ଷାବିତ୍ ମାନେ ଆଶଙ୍କା କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରୁଛନ୍ତି। ହେଲେ ଉଭୟ ଅଧିକାରୀଙ୍କ ମତାମତରେ ତାଳମେଳ ନ ଥିବାରୁ ଉକ୍ତ ମଶାରି କିଣା ହେରଫେର ଘଟଣାକୁ ଲୁଚାଇବାକୁ ବିଭାଗୀୟ ଅଧିକାରୀ ଗତ ଦିନ ମାନଙ୍କରେ ଚାପ ପକାଇ ଟଙ୍କା ନେଲା ଭଳି ପୁନର୍ବାର ଚାପ ପକାଇବେନିତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି।

# ଖସଡ଼ା ଜଳପ୍ରପାତରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

## ପାର୍କିଂ ବ୍ୟବସ୍ଥା ନଥିବାରୁ ଅସନ୍ତୋଷ

## ଘଣ୍ଟା ଘଣ୍ଟା ଧରି ଭିଡ଼ରେ ଫସି ରହିଲା ଗାଡ଼ି





**ପାରଳାଖେମୁଣ୍ଡି,୧୪ ।୧୨(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ବୌଦ୍ଧ ମନ୍ଦିର, ଏହାର ନିକଟରେ ଥିବା ଖସଡ଼ା ସମେତ ହରଭଙ୍ଗି ଡ୍ୟାମ୍ ଆଦି ସ୍ଥାନ ରହିଛି । ବୌଦ୍ଧ ମନ୍ଦିରର ଅଳ୍ପ କିଛି ଦୂରରେ ଥିବା ଖସଡ଼ା ଜଳ ପ୍ରପାତ ପର୍ଯ୍ୟଟକଙ୍କ ମନ ମୋହୁଛି । ଜିଲ୍ଲାର ଯେତେ ପର୍ଯ୍ୟଟକ ସ୍ଥାନ ରହିଛି ମୁଖ୍ୟ କରି ପାହାଡ଼ ଉପରୁ ବୋହି ହୋଇ ଆସୁଥିବା ଝରଣା ପାଣିର କୁଳୁକୁଳୁ ନାଦ ସହ ପ୍ରକୃତିର ମଜାକୁ ମନଭରି ଉପଭୋଗ କରିଥାନ୍ତି ପର୍ଯ୍ୟଟକ । ଏହି ସବୁ ସ୍ଥାନକୁ ଦୂର ଦୁରାନ୍ତରୁ ପର୍ଯ୍ୟଟକ ଆସି ବଣଭୋଜି ସାଙ୍ଗକୁ ନାଚଗୀତର ଆସର ମଧ ଜମାଇଥାନ୍ତି । କିଏ ଏହି ଝରଣା ପାଣିରେ ଜଳକ୍ରୀଡ଼ାର ମଜା ନେଉଛି ତ ଆଉ କିଏ ରୋଷେଇ କରିବାରେ ବ୍ୟସ୍ତ ରହିଥିବା ଦେଖାଯାଇଛି । ପଥର ଉପରିଭାଗରୁ ତଳେ ପାଣି ପଡୁଥିବା ଦୃଶ୍ୟ ସହ ଏହି ଅଞ୍ଚଳର ମନୋରମ ପରିବେଶକୁ ଉପଭୋଗ କରୁଛନ୍ତି ପର୍ଯ୍ୟଟକ । ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ନିଜ ପରିବାର ଓ ବନ୍ଧୁଙ୍କ ସହ ପ୍ରକୃତିର ଆନନ୍ଦ ଉପଭୋଗ କରିବା ଲାଗି ସୁଅ ଛୁଟୁଛି । ଆଜି ଖସଡା ଜଳ ପ୍ରପାତ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା । ବଣଭୋଜି ସାଙ୍ଗକୁ ପ୍ରକୃତିର ମଜା ନେଉଥିଲେ ପର୍ଯ୍ୟଟକ । ହେଲେ ଏଠାରେ ଚାରିଚକିଆ ଯାନ ପାର୍କିଂ ବ୍ୟବସ୍ଥା କିମ୍ବା ଉପୁଜୁଥିବା ଟ୍ରାଫିକ୍ ପରିଚାଳନା ପାଇଁ କିଛି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଜାତୀୟ ରାଜପଥ ୩୨୬-ଏ ଅନ୍ତର୍ଗତ ପାଞ୍ଚଆମ୍ବ ଛକରୁ ଖସଡା ଜଳ ପ୍ରପାତ ରାସ୍ତା ୫ କିମି । ଏହି ୫ କିମି ରାସ୍ତା ତମାମ ପର୍ଯ୍ୟଟକ ଆସିଥିବା ବସ୍ ଓ ଯାତ୍ରୀବାହିଗାଡ଼ି ଗୁଡିକ ଜମି ରହିଥିଲା । ଖସଡା ଜଳପ୍ରପାତ ଅଞ୍ଚଳରେ ପାର୍କିଂ ପାଇଁ ସ୍ଥାନ ରହିଥିଲେ ହେଁ କୌଣସି ବ୍ୟବସ୍ଥା କରାଯାଉ ନଥିବା ଯୋଗୁ ବସ୍, କାର ଆଦି ଯିବାଆସିବାରେ ନାନାଦି ସମସ୍ୟା ଦେଖାଦେଇଥିଲା । ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଉପୁଜିଥିବା ବେଳେ ନିୟନ୍ତ୍ରଣ ପାଇଁ କେହି ନଥିଲେ । ଯିଏ ଯାହାକୁ ପାରିଲା ସେ ନିୟନ୍ତ୍ରଣ କରିବାରେ ଲାଗିଥିଲେ । ସେହିପରି ଏହି ୫ କିମି ରାସ୍ତାର ପ୍ରାୟ ୩ କିମି ରାସ୍ତା ଅଣଓସାରିଆ ସାଙ୍ଗକୁ ଖାଲଖମାରେ ପରିପୂର୍ଣ୍ଣ । ଏପଟେ ଟ୍ରାଫିକ୍ ଜାମ୍ । ଏଭଳି ସ୍ଥିତିରେ ବିଶେଷ କରି ଜିଲ୍ଲା ତଥା ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକ ଏପରି ପରିସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ଖୁବ୍ ପ୍ରଚାର ପ୍ରସାର ବିଭିନ୍ନ ମାଧ୍ୟମରେ କରାଯାଉଥିଲେ ମଧ ବାସ୍ତବ ଚିତ୍ର ଅଲଗା ବୋଲି ଆଲୋଚନା ହେଉଛି ।

# ମାରଦା ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ପୋଲସରା,୧୪ ।୧୨(ସମିସ):** ମାରଦା ମହୋତ୍ସବ ୨୦୨୬ ଦ୍ୱିତୀୟ ପ୍ରସ୍ତୁତି ବୈଠକ ମନ୍ତ୍ରୀ ତଥା ସଭାପତି ଗୋକୁଳା ନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ତିନି ଦିନିଆ ମହୋତ୍ସବରେ ବିଶ୍ୱନାଥ ଦାଶ, କାହ୍ନୁଚରଣ ନାୟକ, ରାଜା ରଘୁନାଥ ହରି ଚନ୍ଦନ ନାମରେ ନାମିତ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ଏତ ବ୍ୟତୀତ ଓରମାସ୍ ପ୍ରଦର୍ଶନୀ, ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର, ଷ୍ଟଲ୍ ଗୁଡ଼ିକର ପଞ୍ଜୀକରଣ ବ୍ୟବସ୍ଥା, ପରିବହନ ନିମନ୍ତେ ମୁଖ୍ୟମନ୍ତ୍ରୀ ବସ ବ୍ୟବସ୍ଥା, ହସ୍ତଶିଳ୍ପ କଳା ପ୍ରଦର୍ଶନୀ, ମୀନା ବଜାର, ସିଧା ପ୍ରସାରଣ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ସ୍ଥାନୀୟ ପ୍ରତିଭାଙ୍କୁ ଗୁରୁତ୍ୱ, ମନ୍ଦିର ସାଜ ସଜ୍ଜା ବିଷୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ବିଡିଓ ଶଶୀଭୂଷଣ ମହାପାତ୍ର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତ୍ ଆଚାର୍ଯ୍ୟ, ପୁଲିସ ପକ୍ଷରୁ ବିମଳ କୁମାର କହଁର, ବିଦ୍ୟୁତ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ରମେଶଚନ୍ଦ୍ର ରଥ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁଭ୍ରମୟୀ ପାଢ଼ୀ, ରେଞ୍ଜର ଅନିଲ କୁମାର ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜୀବ ପାତ୍ର, ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ପ୍ରଦୀପ କୁମାର ତ୍ରିପାଠୀ, ମାରଦା ମହୋତ୍ସବ କମିଟି କାର୍ଯ୍ୟକାରି କମିଟି ସଭାପତି ପ୍ରଭାକର ପଣ୍ଡା, ଯୁଗ୍ମ ସମ୍ପାଦକ ପବିତ୍ର କୁମାର ନାୟକ, ସହଯୋଗୀ ସମ୍ପାଦକ ଦେବାଶିଷ ସ୍ୱାଇଁ, ସମୀକ୍ଷକ ଦୀପକ କୁମାର ପ୍ରଧାନ, କୋଷାଧକ୍ଷ କାଙ୍ଗ ବାଢ଼େଇ, ଏନଏସି ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ରାଜେନ୍ଦ୍ର ପାତ୍ର, ମନୋଜ କୁମାର ଖଟୁଆ, ସୀମାଞ୍ଚଳ ସାହୁ, ରାମକୃଷ୍ଣ ପ୍ରଧାନ, ଚନ୍ଦ୍ର ଶେଖର ସାହୁ, ପ୍ରସନ୍ନ କୁମାର ଡାକୁଆ, ପୃଥ୍ୱୀରାଜ ଭଞ୍ଜଦେଓ, ଦୀପକ ପୋଲାଇ, ରଘୁନାଥ ପଣ୍ଡା ସମେତ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଣ୍ଟ ଜୁଡ଼ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଛତ୍ରପୁର,୧୪ ।୧୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ସିନ୍ଧୁରାପଲ୍ଲୀ ସ୍ଥିତ ସେଣ୍ଟ ଜୁଡ଼ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପ୍ରିନସିପାଲ ସିଷ୍ଟର ଆନସିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ । ଛାତ୍ରୀଛାତ୍ରୀ ମାନେ ଭଲ ପାଠପଢି ଜଣେ ଜଣେ ସୁନାଗରିକ ହେବା ନିମନ୍ତେ ବିଧାୟକ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ବିଶପ୍ ଅଫ ବ୍ରହ୍ମପୁର ଡାଓସିସ ରେଭେରେଣ୍ଟ ଡ଼ଃ ଶରତ ଚନ୍ଦ୍ର ନାୟକ, ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସମ୍ମାନିତ ଅତିଥି ଭାବେ ୱାର୍ଡ ସଭ୍ୟା ଏ. ସୀମା ପାତ୍ର, ପ୍ରୋଭେନସିଆଲ ସୁପେରିଅର, ମଦର ଥେରସା (ପ୍ରୋଭିନ୍ସ) ଫାଦର ରଏ ଜର୍ଜ, ଭାଇସ ପ୍ରୋଭିନସିଆଲ ଫାଦର ବିନୟ ମାଇଲାଡ୍ଡୁର ଓ ସେଣ୍ଟ ଜୁଡ଼ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମ୍ୟାନେଜର ଫାଦର ବଳିଆର ସିଂ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହିତ ପ୍ରି- ମେରି ଖ୍ରୀଷ୍ଟମାସ ପାଳନ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶିଶୁ ମନ୍ଦିରରେ ରକ୍ତଦାନ ଶିବିର



**ଦିଗପହଣ୍ଡି,୧୪ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଶ୍ରୀଧାମ ଆବାସିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା ସମିତି ଓ ଆନ୍ଧ୍ରପ୍ରଦେଶ ପଲାସା ସ୍ଥିତ ପ୍ରାଣଦାତା ରକ୍ତକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ରକ୍ତ ଦାନ ଶିବିରକୁ ଅବସରପ୍ରାପ୍ତ ଫାର୍ମାସିଷ୍ଟ ପି. କାମରାଜୁ ଏବଂ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଡ଼ କୃଷ୍ଣଚନ୍ଦ୍ର ଦାଶ ଶୁଭାରମ୍ଭ କରିଥିଲେ । ଶିବିରରେ ବିଦ୍ୟାମନ୍ଦିର ପ୍ରତିଷ୍ଠାତାଙ୍କ ସମେତ ବହୁ ସଂଖ୍ୟକ ଆଚାର୍ଯ୍ୟା ଆଚାର୍ଯ୍ୟ, ଅଭିଭାବକ, ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ଶିବିରରେ ସମୁଦାୟ ୯୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ପ୍ରାଣଦାତା ରକ୍ତଦାନ କେନ୍ଦ୍ର ପକ୍ଷରୁ ଶିବିର ଶେଷରେ ରକ୍ତଦାନର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ଅଭିଭାବକ, ପୂର୍ବତନ ଛାତ୍ରଛାତ୍ରୀ ଓ ବିଦ୍ୟାମନ୍ଦିର କର୍ମଚାରୀ ପରିଚାଳନା କରିଥିଲେ ।

# ମଧୁବାସନ୍ତି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ବେଲଗୁଣ୍ଠା,୧୪ ।୧୨(ସମିସ):** ବେଲଗୁଣ୍ଠା ବ୍ଲକ ଗୋବରାରେ ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ମଧୁବାସନ୍ତି ଯାତ୍ରା ଆସନ୍ତା ୨୭ ଡ଼ିସେମ୍ବର ଠାରୁ ଆରମ୍ଭ ହୋଇ ଜାନୁଆରୀ ୧ ତାରିଖରେ ଶେଷ ହୋଇଛି । ଏନେଇ ଗୋବରା କପିଳେଶ୍ୱର ଶିବ ମନ୍ଦିରରେ ପ୍ରସ୍ତୁତି ବୈଠକ ମୁଖ୍ୟ ସଂଯୋଜକ ରାମଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ପାଇଁ ଓଲିଉଡ଼ ଓ ଯଲିଉଡର ବହୁ ନାମିଦାମୀ କଳାକାର ମାନେ ଯୋଗଦେବାକୁ ଥିବାରୁ ଏହି ଯାତ୍ରା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି । ବୈଠକରେ ପୂର୍ବତନ ସମିତି ସଭ୍ୟ ଶିବରାମ ପାଢ଼ୀ, ସମାଜସେବୀ ପ୍ରଶାନ୍ତ ରାଜୁ, ପୂର୍ବତନ ସାମରିକ କର୍ମଚାରୀ ଧନେଶ୍ୱର ପରିଡା, ଯୁବ ସଂଗଠକ ବାବୁନି ଶତପଥୀ, ମାମାଲି ପଣ୍ଡା, ନିତ୍ୟାନନ୍ଦ ମହାନ୍ତି, ଗୋବରା ସମିତି ସଭ୍ୟ ବିଭୂପାଦ ଜେନାଙ୍କ ସମେତ ବହୁ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ଦିଗପହଣ୍ଡି,୧୪ ।୧୨(ସମିସ):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ତଥା ଯୁବ ସମାଜସେବୀ ସନ୍ତୋଷ କୁମାର ପଣ୍ଡାଙ୍କ ପରଲୋକ ଘଟିଛି । ସେ କିଛି ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅପରାହ୍ନରେ ମର ଶରୀରକୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରରୁ ଗାଁକୁ ଅଣାଯାଇଥିଲା । ତାଙ୍କ ପରଲୋକ ଖବର ପାଇ ବିଭିନ୍ନ ପଞ୍ଚାୟତର ବହୁ ସଂଖ୍ୟକ ଜନପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ସନ୍ତୋଷ ଜଣେ ମେଳାପି, ମିଷ୍ଟଭାଷୀ ସହ ଭଲ କଣ୍ଠଶିଳ୍ପୀ ମଧ ଥିଲେ । ସେ ଅବିବାହିତ ରହିବା ସହ ସ୍ଥାନୀୟ ବିଜେପିର ଜଣେ ସକ୍ରିୟ ଯୁବନେତା ଭାବେ କାମ କରୁଥିଲେ । ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ପରଲୋକରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ସରପଞ୍ଚ ମନୋରଞ୍ଜନ ଗୌଡ଼, ନଳିନୀକାନ୍ତ ବିଷୋୟୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ମୃତ୍ୟୁ ସମୟରେ ମାଆ, ଭାଇ ପିଣ୍ଟୁ, ପୁତୁରା, ଝିଆରୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

# ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ପୂର୍ବତନ ଶ୍ରମମନ୍ତ୍ରୀ



**ପୋଲସରା,୧୪ ।୧୨(ସମିସ):** ଶୀତ ଜାଡ଼ରେ ଥରୁଛି ସାରା ଓଡ଼ିଶା । ସେଥିରୁ ବାଦ ପଡ଼ି ନାହିଁ ପୋଲସରା ସହର । ଏଭଳି ପରିସ୍ଥିତିକୁ ହୃଦୟଙ୍ଗମ କରି ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ହାତୀଓଟ ସ୍ଥିତ ଜରାଶ୍ରମରେ ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ୨ଶହରୁ ଊର୍ଦ୍ଧ୍ୱ ଅସହାୟ ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ନିଜ ଜରାଶ୍ରମରେ ଭୋଜନ କରାଇବା ସହିତ ନୂତନ ଶୀତବସ୍ତ୍ର ବଣ୍ଟନ କରିଥିଲେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ।

# ସରପଞ୍ଚଙ୍କ ପିତୃ ବିୟୋଗ



**ଭଞ୍ଜନଗର,୧୪ ।୧୨(ସମିସ):** ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଅବିଭକ୍ତ ଜିଲୁଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ, ଭଞ୍ଜନଗର ୫୧ ନମ୍ବର ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନରସିଂହ ପ୍ରଧାନଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି । ସେ ବର୍ତ୍ତମାନର ମୁଦୁଲିପଲ୍ଲୀ ପଞ୍ଚାୟତର ସରପଞ୍ଚ କାହ୍ନୁଚରଣ ପ୍ରଧାନଙ୍କ ପିତା । ମୁଦୁଲିପଲ୍ଲୀ ପଞ୍ଚାୟତର ଭାଲିଆଖାଇ ଗ୍ରାମର ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମଲାଭ କରିଥିଲେ ମଧ ସେ ସମାଜସେବା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବାବେଳେ ଶନିବାର ହଠାତ୍ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ମେଡିକାଲ ପରିସରରେ ତାଙ୍କର ବହୁ ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ଏକାଠି ହୋଇଥିଲେ । ପରେ ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା ।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ୍




**ଫୁଲବାଣୀ,୧୪।୧୨(ସମିସ):** କନ୍ଧମାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କରୋନେସନ ପଡ଼ିଆରେ ଆଜି ଉଦ୍‌ଯାପିତ ହୋଇଛି । ଫାଇନାଲ୍ ମ୍ୟାଚ୍ ବାଲିଗୁଡ଼ା ବିଦ୍ୟାଳୟ ଏବଂ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏଜେଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୭ ରନ୍‌ରେ ବିଜୟ ଲାଭ କରି ଚାମ୍ପିଅନ୍ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଶିବ ପ୍ରସାଦ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥିଭାବେ ସର୍ବେଶ୍ୱର ମିଶ୍ର ଏବଂ ହେମନ୍ତ ମହାନ୍ତି ଯୋଗଦେଇ ୱିନର ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୮ଟି ବିଦ୍ୟାଳୟର ଖେଳାଳି ଭାଗ ନେଇଥିଲେ । ଜିଲ୍ଲା କ୍ରୀଡ଼ା ସଂସଦ ସଂପାଦକ ଗୌରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିକାଶ କହଁର ଓ ଦେବାଶିଷ୍ ସେଠୀ ଅମ୍ପାୟର ଏବଂ ସ୍କୋରର ଭାବେ ନିହାର ବିଦ୍ଧାଣୀ ଏବଂ ଦେବାଶିଷ୍ ସାହୁ ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡ଼ା ସଂସଦର ବହୁ ସଦସ୍ୟଉପସ୍ଥିତ ଥିଲେ । ଦୀର୍ଘ ୨୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟରେ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇ ପୁରସ୍କୃତ ହୋଇଛି ।

# ସ୍ମୃତି ସାଉଁଟିଲେ ୧୯ ୯୧ ମ୍ୟାଟ୍ରିକ୍ ବ୍ୟାଚ ବିଦ୍ୟାର୍ଥୀ



**ଫୁଲବାଣୀ,୧୪।୧୨(ସମିସ):** ଫୁଲବାଣୀ ସହରର ସର୍ବପୁରାତନ ବିଦ୍ୟାଳୟ ସରକାରୀ ଏଜେଓ ଉଚ୍ଚ ବିଦ୍ୟାଳୟର ୧୯ ୯୧ ମାଟ୍ରିକ୍ ବ୍ୟାଚର ବିଦ୍ୟାର୍ଥୀଙ୍କ ଏକ ବନ୍ଧୁମିଳନ ଫୁଲବାଣୀ ବ୍ଲକ ତେରାଗୁଡ଼ାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ପୁରାତନ ଛାତ୍ର ଯୋଗ ଦେଇ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ । ପ୍ରଥମେ ପରଲୋକ ଗମନ କରିଥିବା ସହପାଠୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଛାତ୍ରମାନେ ସେମାନଙ୍କ ପାଠ ପଢିଥିବା ବିଦ୍ୟାଳୟକୁ ବାଇକ୍ ଶୋଭାଯାତ୍ରାରେ ଯାଇ ପରିଦର୍ଶନ କରିଥିଲେ । ବିଦ୍ୟାଳୟକୁ ଏକ ସାଉଣ୍ଡ ସିଷ୍ଟମ ପ୍ରଦାନ କରିବା ସହିତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଉପହାର ପ୍ରଦାନ କରିଥିଲେ । ପ୍ରଭାତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୩୫ ବର୍ଷ ପରେ ଅନୁଷ୍ଠିତ ଏହି ବନ୍ଧୁମିଳନକୁ ପରିଚାଳନାରେ ଧିରେନ୍ ପାତ୍ର , ସଂଜିବ ରାଓ , ଶିବ ସାହୁ , ଡ଼.ପଦ୍ୟୁମ୍ନ ପ୍ରଧାନ , ପ୍ରଭାତ ମୁନୀ , ବାବୁ ଦୋରାଙ୍କ ସମେତ ଫୁଲବାଣୀରେ ରହୁଥିବା ସମସ୍ତ ବ୍ୟାଚ୍ ଛାତ୍ର ସହଯୋଗ କରିଥିଲେ ।

# ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଜୟନ୍ତୀ

**କବିସୂର୍ଯ୍ୟନଗର, ୧୪ ।୧୨(ସମିସ):** ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ୧୩୮ ତମ ଶୁଭ ଜନ୍ମ ମହାମହୋତ୍ସବ ପାଳିତ ହୋଇଯାଇଛି । ଅଞ୍ଚଳର ଶତାଧିକ ସତ୍‌ସଙ୍ଗ କର୍ମୀ ଏକତ୍ରିତ ହୋଇ ଅନୁକୂଳ ଚନ୍ଦ୍ରଙ୍କର ଜନ୍ମ ପାଳନ କରିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ଋତ୍ୱିକ ଯୋଗଦେଇଥିଲେ । ପୂର୍ବାହ୍ନରେ ସୁସଜ୍ଜିତ ଗାଡ଼ିରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଫୋଟଚିତ୍ର ସହ ନଗର କୀର୍ତ୍ତନ କରିଥିଲେ । ସୁସଜ୍ଜିତ ଗାଡି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା । ସମସ୍ତ ସତସଙ୍ଗ କର୍ମୀ ସ୍ଥଳରେ ପହଞ୍ଚିବା ପରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ସଦାଲୋଚନା ସଭାକୁ ଅଧ୍ୟକ୍ଷତା କରିଥିଲେ ବ୍ରହ୍ମପୁର ସହ ପ୍ରତିନିଧି ବନମାଳୀ ସାହୁ । ପରିଚାଳନାରେ ସହଯୋଗ କରିଥିଲେ ବିନୟ କୁମାର ବିଶ୍ୱାଳ । ଯାଜକ ରାଜେନ୍ଦ୍ର ରଥ ସତସଙ୍ଗ କର୍ମୀ ସଂଚାଳନ କରିଥିଲେ ।

# ଆଡ଼ବା ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ





## ମେଳି ବାନ୍ଧିଲେ ଅଞ୍ଚଳବାସୀ; ତୁରନ୍ତ ରାସ୍ତା ନିର୍ମାଣ ଦାବି

**ଗୋଷାଣି, ୧୪ ।୧୨ (ସମିସ):** ଗୋଷାଣି ବ୍ଲକ ତାଟିପାଟି ପଞ୍ଚାୟତ ଆଡବା ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏହି ଗ୍ରାମ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଠାରୁ ମାତ୍ର ଏକ କିମି ଦୂରତାରେ ରହିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ୧ କିମି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଅଣଓସାରିଆ ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମା ଭର୍ତ୍ତି ହୋଇଥିବା ବେଳେ ସ୍ଥାନେ ସ୍ଥାନେ ପିଚୁ ଉଠିପଡିଛି । ସେହିପରି ରାସ୍ତାର ବିଭିନ୍ନ ସ୍ଥାନ ଦବିଯାଇଛି । ଏହି କାରଣରୁ ରାସ୍ତାରେ ଦୁଇ ଚକିଆ ଯାନ ମଧ ଯିବାଆସିବାରେ ନାନାଦି ସମସ୍ୟା ଉପୁଜୁଛି । ଏନେଇ ଅଞ୍ଚଳବାସୀ ମେଳି ବାନ୍ଧିବା ସହ ତୁରନ୍ତ ରାସ୍ତା ନିର୍ମାଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

ସୂଚନା ପ୍ରକାରେ ଏହି ରାସ୍ତା ଗୋଷାଣି ବ୍ଲକର ୩ ପଞ୍ଚାୟତ ଘୋରଣି, ତାଟିପାଟି, ଗୁରାଣ୍ଡିକୁ ସଂଯୋଗ କରିବାରେ ପ୍ରମୁଖ ରାସ୍ତା । ମାତ୍ର ଏକ କିମି ରାସ୍ତା ଅବସ୍ଥା ଖରାପ ଯୋଗୁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଗାଁକୁ ଆସିପାରୁନାହିଁ । ସେହିପରି ଗର୍ଭବତୀ ମହିଳାଙ୍କୁ ନେବାଆଣିବା କରିବା, ସ୍କୁଲ କଲେଜକୁ ଛାତ୍ରଛାତ୍ରୀମାନେ ଯିବାଆସିବା ସମୟରେ ବିପଦପୂର୍ଣ୍ଣ ଭାବେ ଯାଉଥିବା କଲେଜ ଛାତ୍ରୀ ଟି.ମୋନିକା କହିଛନ୍ତି । ଜନାର୍ଦ୍ଦନ ଦାସ ନାମକ ଜଣେ ଗ୍ରାମବାସୀ କହିଛନ୍ତି ଯେ, ଏପରି ଖାଲଖମା ଓ ଅଣଓସାରିଆ ରାସ୍ତା ଯୋଗୁ ଗୋଟିଏ ଗାଡି ଆସିଲେ ଅନ୍ୟ ଗାଡି ଯିବା ପାଇଁ କଷ୍ଟକର ହୋଇପଡୁଛି । ଏପରି ପରିସ୍ଥିତିରେ ଗ୍ରାମବାସୀ ଏଠାରେ ପଡି ଆହତ ହେଉଛନ୍ତି । ଏହି ସମସ୍ୟାକୁ ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ସୁଫଳ ମିଳୁ ନଥିବାର କେ.ନାଗଭୂଷଣ ରାଓ, କେ.ଚଳପତି ରାଓ ପ୍ରମୁଖ ଗ୍ରାମବାସୀ କହିଛନ୍ତି । ତୁରନ୍ତ ଏହି ରାସ୍ତା କାମ କରାନଗଲେ ଆନ୍ଦୋଳାଣକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

